visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.175 Bhubaneswar Friday, August 27, 2021 | ୨୪ତମ ବର୍ଷ ସଂଖ୍ୟା–୧୭୫ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS





କେନ୍ଦ୍ର ବନ୍ଦର, ପରିବହନ, ଜଳପଥ ଏବଂ ଆୟୁଷ ମନ୍ତ୍ରୀ ସରବାନନ୍ଦ ସୋନୋୱାଲ ଗୁଆହାଟିର ପାଣ୍ଡୁ ବନ୍ଦରରେ ଜାହାଜ ମରାମତି ସୁବିଧା (ସ୍ଲିପୱେ) ପାଇଁ ଏଚସିଏସଏଲ ସହିତ ଚୁକ୍ତିନାମା ସ୍ୱାକ୍ଷର ସମାରୋହର ସାକ୍ଷୀ ରହିଛନ୍ତି

## ସେପ୍ଟେମ୍ବର ୫ ସୁଦ୍ଧା ସବୁ ଶିକ୍ଷକଙ୍କୁ ଦିଆଯିବ ଟିକା

ଭୁବନେଶ୍ୱର, ୨୬।୮(ପ.ଏନ): ଟିକାକରଣ ପାଇଁ ଶିକ୍ଷକଙ୍କୁ ଅଗ୍ରାଧିକାର ଦିଆଯିବ। କେନ୍ଦ୍ରରୁ ଅତିରିକ୍ତ ଟିକା ଆସିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି ଯେ ସବୁ ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିଠି ପରେ ପ୍ରକ୍ରିୟା ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। କେତେ ଶିକ୍ଷକ ଟିକା ନେଇଛନ୍ତି ଓ କେତେ ନେଇ ନାହାଁନ୍ତି ତାର ତାଲିକା ପ୍ରସ୍ତୁତ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ଡ୍ରାଇଭ ଜରିଆରେ ୟୁ ଡାଇସ ପ୍ଲସ ସଫ୍ଟୱେର ମାଧ୍ୟମରେ ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମନ୍ୱୟରେ ଟିକାକରଣ କରାଯିବ। ଅତିରିକ୍ତ ୧୧ ଲକ୍ଷ ଟିକା ଆସିବା ପରେ ୨୭ ତାରିଖରୁ କାର୍ଯ୍ୟ ଆରମ୍ଭ ହେବ। ଏଥିରୁ ୯ ଲକ୍ଷ ୯୨ ହଜାର ୩୮୦ କୋଭିସିଲଡ ଓ ୧ ଲକ୍ଷ ୨୪ ହଜାର କୋଭାକସିନ ଟିକା ଆସିବ। ସେପ୍ଟେମ୍ବର ୫ ତାରିଖ ମଧ୍ୟରେ ସମସ୍ତ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କୁ ଟିକାଦାନ ପାଇଁ ଟାର୍ଗେଟ ରଖାଯାଇଛି। ଶହେରୁ ଅଧିକ କର୍ମଚାରୀ ଟିକା ନେଇ ନ ଥିବା ସ୍କୁଲରେ ସିଭିସି କରି ଟିକା ଦିଆଯିବ ବୋଲି ସେ କହିଛନ୍ତି।

# ମାହାଙ୍ଗା ଡବଲ ମର୍ଡର ଘଟଣା : ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦାବି ଦୋହରାଇଲା ବିଜେପି

ଭୁବନେଶ୍ୱର, ୨୬।୮(ପ.ଏନ): ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣା ତଦନ୍ତରେ ଶାସକ ବିଜେଡିର ହସ୍ତକ୍ଷେପ ଏବଂ ଘଟଣାକୁ ଚାପି ଦେଇ ଘଟଣାରେ ଅନ୍ୟତମ ଅଭିଯୁକ୍ତ ପ୍ରଭାବଶାଳୀ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଂଟ ଘୋଡାଇବାରେ ମୁଖ୍ୟମନ୍ତ୍ରୀ ଯଥାସମ୍ଭବ ପ୍ରଚେଷ୍ଟା କରିଛନ୍ତି । ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡରେ ୧୩ ଜଣଙ୍କ ନାଁରେ ଅଭିଯୋଗ ହୋଇଥିବାବେଳେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଛାଡି ଅନ୍ୟ ୧୨ ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଆଜି ପୁଣି ଥରେ ତାଙ୍କ ନାଁକୁ ଚାର୍ଜସିଟ୍ ରେ ଯୋଡିବା ପାଇଁ ସାଲେପୁର ଜେଏମ୍ଏଫ୍ସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଜିର କୋର୍ଟଙ୍କ ଏହି ନିର୍ଦ୍ଦେଶ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ଶାସକ ବିଜେଡିର ଅସଲ ମୁଖା ଖୋଲି ଦେଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ମୁଖପାତ୍ର ତଥା ବରିଷ୍ଠ ଆଇନଜୀବି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ।ପଦର ଅପବ୍ୟବହାର କରି ମନ୍ତ୍ରୀ ଶ୍ରୀ ଜେନା ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିଥିବାର ଆଜି ଜେଏମ୍ଏଫ୍ସି କୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ପଷ୍ଟ ପ୍ରମାଣିତ ହୋଇଛି ।ତେଣୁ ନୈତିକତା ଦୃଷ୍ଟିରୁ ଆଇନମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବାକୁ ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ଅଛି । ଏହି ଘଟଣାର ସଠିକ ତଦନ୍ତ ହେବା ଆବଶ୍ୟକ। କିନ୍ତୁ ମାହାଙ୍ଗା ହତ୍ୟା ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରାଯାଇ ବାଟବଣା କରିବାର ପ୍ରୟାସ କରାଯାଇଅଛି । ମୁଖ୍ୟମନ୍ତ୍ରୀଙ୍କ ଜ୍ଞାତସାରରେ ଏ ସମସ୍ତ ଘଟଣା ଘଟିଥିବାରୁ ମୁଖ୍ୟମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ୍ ବୋଲି ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି ।ଭ୍ରଷ୍ଟାଚାରୀ ବିଜେଡି ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଶ୍ରୀ ଆଚାର୍ଯ୍ୟ ଓଡିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଉପସ୍ଥିତ ଥିଲେ ।

## ୧୮ଟି ଜିଲ୍ଲାରେ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୬।୮(ପ.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୮ଟି ଜିଲ୍ଲାରେ ଘଡଘଡି ସହ ବର୍ଷା ସମ୍ଭାବନା ରହିଥିବା ବେଳେ ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ସତର୍କ ସୂଚନା ଅନୁଯାୟୀ ୨୪ ଘଂଟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେଉଁଝର, ମୟୁରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ ଓ ରାୟଗଡାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହୋଇପାରେ। ସେହିପରି ମୟୁରଭଞ୍ଜ, ବାଲେଶ୍ୱର, କେଉଁଝର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏଥିନେଇ ଏହି ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୭ ତାରିଖ ସକାଳଠାରୁ ୨୮ ତାରିଖ ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେଉଁଝର, ମୟୁରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ରାୟଗଡାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହୋଇପାରେ । କନ୍ଧମାଳ, ଗଞ୍ଜାମ, ପୁରୀ, ନୟାଗଡ, ଖୋର୍ଦ୍ଧା, ବୌଦ୍ଧ, ଅନୁଗୁଳ, ବଲାଙ୍ଗୀର, କଟକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ ।୨୮ ତାରିଖ ସକାଳୁ ୨୯ ତାରିଖ ସକାଳ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ରାୟଗଡା, ବରଗଡ଼ ଓ ସୁନ୍ଦରଗଡର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏହି ସବୁ ଜିଲ୍ଲାମାନଙ୍କ ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।

## ନିର୍ବାଚନରେ ସଂରକ୍ଷଣ ନେଇ ବିଧାନସଭାରେ ଆସିବ ସଂଶୋଧନ ପ୍ରସ୍ତାବ

ଭୁବନେଶ୍ୱର, ୨୬।୮(ପ.ଏନ): ଏଥର ପଂଚାୟତ ପୁନର୍ଗଠନ ହେବନାହିଁ ବୋଲି କହିଛନ୍ତି ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା। ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ। ଆସନ୍ତାବର୍ଷ ଫେବ୍ରୁଆରୀ ମାସରେ ପଂଚାୟତ କାର୍ଯ୍ୟକାଳ ସରିବ । ନିର୍ବାଚନରେ ସଂରକ୍ଷଣ ନେଇ ବିଧାନସଭାରେ ସଂଶୋଧନ ପ୍ରସ୍ତାବ ଅଣାଯିବ। ଏ ନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ତୃତୀୟ ଲହରର ମୁକାବିଲା ପାଇଁ ସରକାର ପ୍ରସ୍ତୁତ , ଶିଶୁଙ୍କ ପାଇଁ ୩୦୦୦ ବେଡ୍ ର ବ୍ୟବସ୍ଥା

ଭୁବନେଶ୍ୱର, ୨୬।୮(ପ.ଏନ): କରୋନାର ତୃତୀୟ ଲହରର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ । ତୃତୀୟ ଲହରକୁ ନେଇ ବିଭିନ୍ନ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ରିପୋର୍ଟ ଆସୁଛି । ସବୁ ରିପୋର୍ଟକୁ ତର୍ଜମା କରାଯାଉଛି ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ। ଏହାସହ ଶିଶୁ ମାନଙ୍କ ପାଇଁ ବେଡ ଓ ଔଷଧ ମହଜୁଦ ରଖିବା ନେଇ ପ୍ରକ୍ରିୟା ଜାରି ରହିଛି। ଦୈନିକ ୧୦ରୁ ୧୫ ହଜାର ସଂକ୍ରମଣ ହେଲେ ମଧ୍ୟ ମୁକାବିଲା ପାଇଁ ସରକାର ପ୍ରସ୍ତୁତ। ଏହାସହ ୧୦ ହଜାର ପଜିଟିଭ ଆସିଲେ ଶିଶୁଙ୍କ ପାଇଁ ୬୦୦ ବେଡ୍ ଆବଶ୍ୟକ, ୧୫ ହଜାର ଆସିଲେ ୯୦୦ ବେଡ୍ ଆବଶ୍ୟକ ପଡିବ ଆମେ କିନ୍ତୁ ୩୦୦୦ ବେଡ୍ ପୂର୍ବରୁ ପ୍ରସ୍ତୁତ କରି ରଖିଛୁ। କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ସତର୍କ କରାଇଛନ୍ତି କେନ୍ଦ୍ର ସରକାର । ଦ୍ୱିତୀୟ ଲହର ଅପେକ୍ଷା ତୃତୀୟ ଲହରରେ ପ୍ରାୟ ଦେଢଗୁଣା ଅଧିକ ଦୈନିକ ସଂକ୍ରମଣ ଆସିପାରେ। କରୋନାର ତୃତୀୟ ଲହର ଶୀର୍ଷରେ ଛୁଇଁଲା ବେଳକୁ ଓଡିଶାରେ ଦୈନିକ ସଂକ୍ରମଣ ୧୯ ହଜାର ୨୭୮ ଛୁଇଁପାରେ ବୋଲି କେନ୍ଦ୍ର ସତର୍କ କରାଇ ଦେଇଛି । ସେହିପରି ଦୈନିକ ହାରାହାରି ୧୦ ହଜାର ୨୧୭ ମାମଲା ଆସିପାରେ ବୋଲି ରିପୋର୍ଟରେ କୁହାଯାଇଛି । କେନ୍ଦ୍ର ସରକାରଙ୍କ କୋଭିଡ ଏମର୍ଜେନ୍ସି ରେସପନ୍ସ ଆଣ୍ଡ ହେଲ୍ଥ ସିଷ୍ଟମ ପ୍ରିପେୟାର୍ଡନେସ-ଇସିପିଆର ଫେଜ- ଟୁ ଏହି ସମ୍ଭାବ୍ୟ ଚିତ୍ର ନେଇ ଆକଳନ କରିଛି ।ଏପରିକି ତୃତୀୟ ଲହରରେ ୭୫ ଦିନ ମଧ୍ୟରେ ରାଜ୍ୟରେ ମୋଟ୍ ୭ଲକ୍ଷ ୬୬ ହଜାର ୨୭୫ କରୋନା ମାମଲା ଆସିବ ବୋଲି ଆକଳନ କରାଯାଇଛି ।

# ସଂସ୍କୃତିଙ୍କର ଓଡ଼ିଶୀ ନୃତ୍ୟରେ ଝୁମିଲେ ଆମେରିକୀୟ ଦର୍ଶକ

ସାନ୍ଫ୍ରାନ୍ସିସ୍କୋ, ୨୬।୮(ପି.ଏନ) : ଯୁବ ଏବଂ ଉଦୀୟମାନ ନୃତ୍ୟାଙ୍ଗନା ସଂସ୍କୃତି ବେବର୍ତ୍ତାଙ୍କର ରସ ଓ ଲାସ୍ୟ ଭରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନରେ ଆମେରିକାର କଳାପ୍ରେମୀ ଜନସାଧାରଣ ମନ୍ତ୍ରମୁଗ୍ଧ ହୋଇଥିବା ଜଣାଯାଇଛି। ନିକଟରେ 'ରଙ୍ଗ ପୂଜା' ଶୀର୍ଷକ ସଂସ୍କୃତିଙ୍କର ମଞ୍ଚ ପ୍ରବେଶ କାର୍ଯ୍ୟକ୍ରମ କାଲିଫର୍ଣ୍ଣିଆର କବ୍ବରଲେ ଥେଟରଠାରେ ଅନୁଷ୍ଠିତ ହୋଇଥିଲା। ସାନ୍ ଫ୍ରାନ୍ସିସ୍କୋସ୍ଥିତ ଜ୍ୟୋତି କଳାମନ୍ଦିର ତରଫରୁ ଆୟୋଜିତ ଏହି ଏକକ ନୃତ୍ୟ ପରିବେଷଣକୁ ଶତାଧିକ ଓଡ଼ିଆ ଓ ଅଣ ଓଡ଼ିଆ ଭାରତୀୟ ତଥା ବିଦେଶୀ ଦର୍ଶକମାନେ ମନଭରି ଉପଭୋଗ କରିବା ସାଙ୍ଗକୁ ବେଶ୍ ଆଦୃତ କରିଥିବା ଦେଖାଯାଇଥିଲା। ପ୍ରେକ୍ଷାଳୟରେ ଖଚାଖଚ୍ ଭରା ଦେଖଣାହାରୀ ସୁଶ୍ରୀ ବେବର୍ତ୍ତାଙ୍କର ଆମେରିକାରେ ଏହି ପ୍ରଥମ ଏକକ ନୃତ୍ୟ ପରିବେଷଣ ପ୍ରତି ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଖୁବ୍ ଉତ୍କଣ୍ଠା ଓ ଆଗ୍ରହ ପ୍ରଦର୍ଶନ କରିଥିବା ପରିଲକ୍ଷିତ କରାଯାଇଥିଲା। ନୃତ୍ୟାରମ୍ଭ ପୂର୍ବରୁ ପାରମ୍ପରିକ ପ୍ରଥା ଅନୁଯାୟୀ ସଂସ୍କୃତି ତାଙ୍କର ଗୁରୁ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ଜ୍ୟୋତି ରାଉତଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀମତୀ ରାଉତ ତାଙ୍କୁ ଶୁଭକାମନା ଜଣାଇବା ସାଙ୍ଗକୁ ତାଙ୍କର ପାଦରେ ଘୁଙ୍ଗୁର ବାନ୍ଧି ଦେଇଥିଲେ। ସଂସ୍କୃତି ସେ ଦିନ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭରେ ଆବାହନୀ ନୃତ୍ୟ ମଙ୍ଗଳାଚରଣ ଭାବରେ ସରସ୍ୱତୀ ବନ୍ଦନା, ଶୁଦ୍ଧ ନୃତ୍ୟ ମୁଦ୍ରା ପଲ୍ଲବୀ, ଅଭିନୟ ସଂରଚନା ଗୀତା ସାର ଓ ନବରସ ତଥା ସବା ଶେଷରେ ଆତ୍ମା ସହିତ ପରମାତ୍ମାର ମିଳନ ପର୍ବ ମୋକ୍ଷ ପ୍ରଦର୍ଶନ କରିଥିଲେ। ସଂସ୍କୃତିଙ୍କର ପ୍ରତ୍ୟେକ ପ୍ରସ୍ତୁତି ଯଥେଷ୍ଟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ଥିଲା ତଥା ଉପସ୍ଥିତ ଦର୍ଶକମାନଙ୍କୁ ଭଗବତ୍ ସତ୍ତାର ସୁରାକ ଓ ଐଶ୍ୱରୀକ ଆନନ୍ଦର ଅଫୁରନ୍ତ ଉତ୍ସ୍ୱାସ ଦେବାକୁ ସକ୍ଷମ ହୋଇଥିଲା। ବିଶେଷ କରି ତାଙ୍କର ବୈଦ୍ୟୁତିକ ପଦଚାଳନା, ଜୀବନ୍ତ ତଥା ନିଖୁଣ ମୁଖାଭିନୟ ଏବଂ ଅସାଧାରଣ ଭ୍ରୁକୁଞ୍ଚନ, ଉଭୟ ସଂସ୍କୃତି ବିଶାରଦ ଓ ନୃତ୍ୟ ସମୀକ୍ଷକମାନଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛି। ଗୀତା ସାର ଓ ନବରସ ନୃତ୍ୟ ପରିବେଷଣ ସମୟରେ ତାଙ୍କର ଦକ୍ଷତାପୂର୍ଣ୍ଣ ଓ ମନଲୋଭା ଅଭିନୟ ସମସ୍ତଙ୍କୁ ବିଭୋର ତଥା ଅଭିଭୂତ କରିବା ସହିତ ସେମାନଙ୍କୁ ଭାବାବେଗର ଦୁନିଆରେ ହଜାଇ ମଜାଇ ଦେଇଥିବା ଅନୁଭବ କରାଯାଇଥିଲା। ସେହିପରି ତାଙ୍କଦ୍ୱାରା ପ୍ରସ୍ତୁତ ମୁଦ୍ରା ପଲ୍ଲବୀର ତାଳେ ତାଳେ ଆମେରିକୀୟ ଦର୍ଶକମାନେ ଝୁମିବାରେ ଲାଗିଥିବାର



ଦୃଶ୍ୟ ଏବଂ ଘନଘନ କରତାଳି ବର୍ଷଣ କରୁଥିବାର ଅନୁଭୂତି ଅତ୍ୟନ୍ତ ନିଆରା ଓ ମର୍ମସ୍ପର୍ଶୀ ଥିଲା ।ମାତ୍ର ଚାରିବର୍ଷ ବୟସରୁ ସଂସ୍କୃତି, ଗୁରୁ ଗାୟତ୍ରୀ ଯୋଶୀଙ୍କଠାରୁ ଓଡ଼ିଶୀ ଶିକ୍ଷା ଆରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ ସେ ଗୁରୁ ଜ୍ୟୋତି ରାଉତ, ଗୁରୁ ନୀଳନା ରାୟ ଏବଂ ଗୁରୁ କେଶିନୀ ଦେଶାଇଙ୍କ ଠାରୁ ନୃତ୍ୟ ନିପୁଣତା ନେଇ ତାଲିମ ଲାଭ କରିଥିଲେ। ଜ୍ୟୋତି କଳା ମନ୍ଦିରର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହିତ ସେ ସାନ୍ଫ୍ରାନ୍ସିସ୍କୋର ସମୁଦ୍ର ତଟବର୍ତ୍ତୀ ଇଲାକାରେ ବହୁବାର ନୃତ୍ୟ ପ୍ରଦର୍ଶନ କରିସାରିଛନ୍ତି। ଏହା ସାଙ୍ଗକୁ ୨୦୧୭ ମସିହାରେ ଭୁବନେଶ୍ୱରଠାରେ ସଂସ୍କୃତି, ସମ୍ମାନସ୍ୱଦ ଆନ୍ତର୍ଜାତିକ ଓଡ଼ିଶୀ ମହୋତ୍ସବରେ ମଧ ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଏବେ ବୋଷ୍ଟନ୍ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ଡିଗ୍ରୀ ଶିକ୍ଷାର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ଦୀର୍ଘ ୪ଘଣ୍ଟା ଧରି ଚାଲିଥିବା 'ରଙ୍ଗ ପୂଜା' କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ ଓ ସମ୍ପନ୍ନ କରିବାରେ ସଂସ୍କୃତିଙ୍କର ପିତା ଧୀରେନ ମୋହନ ବେବର୍ତ୍ତା, ମାତା ମୋନାଲିସା ବେବର୍ତ୍ତା, ଭାଇ ସାତ୍ତ୍ୱିକ ବେବର୍ତ୍ତା ଏବଂ ମାଉସୀ ଶ୍ରୀଜା ପଟ୍ଟନାୟକ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ।

# ୨୮ରେ ଢେଙ୍କାନାଳରେ କମନ୍ ୟୁଜର୍ ଫାସିଲିଟିର ଭୂମିପୂଜନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ହରଦୀପ ସିଂହ ପୁରୀ

ଭୁବନେଶ୍ୱର, ୨୬।୮(ପ.ଏନ): ଆସନ୍ତା ୨୮ ତାରିଖରେ ଢ଼େଙ୍କାନାଳ ଜିଲ୍ଲାର ସଦଶିବପୁର ଠାରେ ଭାରତ ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ କମନ୍ ୟୁଜର୍ ଫାସିଲିଟି ପ୍ରକଳ୍ପର ଭୂମିପୂଜନ କରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଭାବେ ଭାରତ ସରକାରଙ୍କ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ରାମେସ୍ୱର ତେଲି, ସାଂସଦ ମହେଶ ସାହୁ, ବିଧାୟକ ଶ୍ରୀମତି ସୀମାରାଣୀ ନାୟକ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। କମନ୍ ୟୁଜର ଫାସିଲିଟି(ସିୟୁଏଫ) ତିନୋଟି ତୈଳ କମ୍ପାନୀ ଯଥା ଇଣ୍ଡିଆନ ଅଏଲ, ବିପିସିଏଲ ଏବଂ ଏଚପିସିଏଲ ଦ୍ୱାରା ବ୍ୟବହାର କରାଯିବ। ଏଠାରେ ଏମଏସ, ଏଚଏସଡି, ଇଥାନଲ ଏବଂ ବାୟୋ-ଡିଜେଲକୁ ସଂରକ୍ଷିତ କରି ରଖିବା ପାଇଁ ପ୍ରାୟ ୪୨୦୦୦ କିଲୋ ଲିଟରର ଷ୍ଟୋରେଜ କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ତୈଳ ଡିପୋ ପାଇଁ ଯୋଜନା କରାଯାଇଛି। କମନ୍ ୟୁଜର ଫାସିଲିଟି ଦ୍ୱାରା ପାରାଦୀପ ଟର୍ମିନାଲରୁ ପେଟ୍ରୋଲିୟମ ସାମଗ୍ରୀ ବାରମ୍ବାର ପରିବହନ କରିବାକୁ ପଡ଼ିବ ନାହିଁ । କମନ୍ ୟୁଜର ଫାସିଲିଟିରୁ ସିଧାସଳଖ ପେଟ୍ରୋଲିୟମ ଉତ୍ପାଦ ପରିବହନ ହେବା ଦ୍ୱାରା ପରିବହନ ଖର୍ଚ୍ଚ ହ୍ରାସ ହେବ । ଓଡ଼ିଶା ସରକାରଙ୍କ ଠାରୁ ଏଥିପାଇଁ ୪୯.୬୭୧ ଏକର ଜାଗା କିଣାଯାଇଛି। ଜମି କିଣା ସହ ମୋଟ ୩୯୪ କୋଟି ଟଙ୍କାର ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ବିପିସିଏଲ ଏହାର ବିକାଶ କରିବାର ଦାୟିତ୍ୱ ନେଇଥିବା ବେଳେ କ୍ୟାପେକ୍ସ ଏହି କାମରେ ସହଯୋଗୀ ହୋଇଛି । ଏହାକୁ ୨୦୨୩ ଅଗଷ୍ଟ ଶେଷ ଆଡ଼କୁ ପ୍ରକଳ୍ପ ଶେଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଇଣ୍ଡିଆନ ଅଏଲ, ବିପିସିଏଲ ଏବଂ ଏଚପିସିଏଲର ମଧ୍ୟ ଏଥିରେ ଅଂଶୀଦାର ରହିବେ । ଏହା କେନ୍ଦ୍ରୀୟ-ଉତର ଓଡ଼ିଶା ବିଶେଷ ଭାବରେ ଅନୁଗୁଳ, କେନ୍ଦୁଝର, ଦେବଗଡ଼ ଏବଂ ଢ଼େଙ୍କାନାଳର ଲୋକମାନଙ୍କ ଆବଶ୍ୟକତାକୁ ପୂରଣ କରିବ। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଂଚଳରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ବ୍ୟବସାୟିକ ବୃଦ୍ଧି ହେବା ସହ ସ୍ଥାନୀୟ ଅଂଚଳରେ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ । ଏହି ପ୍ରକଳ୍ପ ନିର୍ମାଣ ଓ ପରିଚାଳନା କାମରେ ପ୍ରାୟ ୨ ଲକ୍ଷ ମାନବ ଦିବସ ସୃଷ୍ଟି ହେବ। ବିପିସିଏଲ ଦ୍ୱାରା ବରଗଡ ଜିଲ୍ଲାରେ ଏକ ସମନ୍ୱିତ ୧ଜି ଏବଂ ୨ଜି ବାୟୋ ଇଥାନଲ୍ ରିଫାଇନାରୀ ପ୍ଲାଂଟ୍ ନିର୍ମାଣ କରାଯାଉଛି। ଦୈନିକ ୪୦୦ ମେଟ୍ରିକ୍ ଟନ ଜୈବିକ ବସ୍ତୁରୁ ଦୈନିକ ୨୦୦ କିଲୋ ଲିଟର ଇଥାନଲ ଉତ୍ପାଦନ କରାଯିବ। ଏହା ୨୦୨୩ ମାର୍ଚ୍ଚ ସୁଦ୍ଧା ଶେଷ ହେବା ନେଇ ଆକଳନ କରାଯାଇଛି। ଓଡ଼ିଶାର ଅନୁଗୁଳ ଏବଂ ଢ଼େଙ୍କାନାଳ ସମେତ ୯ଟି ଜିଲ୍ଲାରେ ବିପିସିଏଲ ଦ୍ୱାରା ସିଟି ଗ୍ୟାସ ବିତରଣ(ସିଜିଡ଼ି) ନେଟୱାର୍କକୁ ବିକଶିତ କରାଯାଉଛି। ଓଡ଼ିଶାର ୯ଟି ଜିଲ୍ଲାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରି ମିନିମମ୍ ୱାର୍କ ପ୍ରୋଗ୍ରାମ(ଏମଡବ୍ଲୁପି) ମାଧ୍ୟମରେ ପ୍ରାୟ ୬୧ ସିଏନଜି ଷ୍ଟେସନ, ୬୭ ହଜାର ପିଏନଜି ସଂଯୋଗୀକରଣ ଏବଂ ୫୦୦୦ ପାଇପଲାଇନ ବିଛାଯିବାର ଯୋଜନା ଜାରୀ ରଖିଛି। ବର୍ତମାନ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ବ୍ୟତିତ ବିପିସିଏଲ ଆଗାମୀ ଭଵିଷ୍ୟତରେ ଏଚପିସିଏଲର ମିଳିତ ସହଯୋଗରେ ଧୁତ୍ରା ପେଟ୍ରୋଲିୟମ କମନ୍ ୟୁଜର ଫାସିଲିଟି ପ୍ରକଳ୍ପ ସ୍ଥାପନା କରିବାର ଯୋଜନା ରହିଛି। ସେହିଭଳି ପଶ୍ଚିମ ଓଡ଼ିଶାରେ ପେଟ୍ରୋଲିୟମ ଉତ୍ପାଦନ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଝାରସୁଗୁଡ଼ା ଠାରେ ପେଟ୍ରୋଲିୟମ ଟର୍ମିନାଲ ସ୍ଥାପନ କରିବା ପାଇଁ ବିପିସିଏଲ କଳ୍ପନା କରିଛି। ଏଥିପାଇଁ ବିପିସିଏଲ ଏଚପିଏଲ ସହ ମିଶି ୯୮ ଏକର ଜାଗା ଚିହ୍ନଟ କରିଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




## ହିନ୍ଦୁଙ୍କ ଆସ୍ଥା ଉପରେ ଆକ୍ରମଣ: ନୂଆ ପାକିସ୍ତାନର ନୂଆ ଚାଲ

ମାର୍ଚ୍ଚ ୨୮ ତାରିଖ ଦିନ ଦିନ ସଂଧ୍ୟା ସାତଟା ବେଳେ ପାକିସ୍ତାନ ରାୱଲପିଣ୍ଡି ସହରର ପୁରାନା କିଲା ଅଂଚଳରେ ଥିବା ଏକ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର ଉପରେ ଆକ୍ରମଣ ହୋଇଛି । ୧୦ରୁ ୧୫ ଜଣ ଆକ୍ରମଣକାରୀ ମନ୍ଦିର ମୁଖ୍ୟ ଫାଟକ ଏବଂ ଉପର ମହଲା ସହିତ ମନ୍ଦିରର ଅନେକ ସ୍ଥାନ ଭଙ୍ଗାରୁଜା କରିଛନ୍ତି । 'ଡନ୍' ଖବରକାଗଜ ଅନୁଯାୟୀ, ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ- Evacuee Trust Property Board (ଇଟିପିବି) ଉତ୍ତର ଜୋନ୍ ସୁରକ୍ଷା ଅଧିକାରୀ ସୟଦ ରଜା ଅବ୍ବାସ ଜାଇଦି ରାୱଲପିଣ୍ଡିର ବାନି ପୋଲିସ ଷ୍ଟେସନରେ ଅଭିଯୋଗ କରି କହିଛନ୍ତି ଯେ, ମନ୍ଦିର ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଛି । ମୁସଲିମ ସଂଖ୍ୟାଗରିଷ୍ଠ ଦେଶ ଭାବରେ ପାକିସ୍ତାନ ସାରା ବିଶ୍ୱରେ ଜଣାଶୁଣା । ଏହି ଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଅତି ଶୋଚନୀୟ। ବର୍ତ୍ତମାନ ଏଠାରେ ହିନ୍ଦୁ ମାନଙ୍କର ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧.୬ ପ୍ରତିଶତ । ଭାରତରେ ସଂଖ୍ୟାଲଘୁମାନଙ୍କ ପାଇଁ ସଂରକ୍ଷଣ ସହିତ ଅନେକ କିଛି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଧାନ ଦିଆଯାଉ ନାହିଁ । ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ସହିତ ସେମାନଙ୍କୁ ଧର୍ମାନ୍ତରୀତ କରାଯାଉଛି । ସେମାନଙ୍କର ଝିଅ ବୋହୁମାନଙ୍କୁ ଅପହରଣ କରି ନିଆଯାଉଛି । ମଠ, ମନ୍ଦିର ଓ ପବିତ୍ର ପୀଠମାନଙ୍କ ଉପରେ ଆକ୍ରମଣ ହେଉଛି ଏବଂ ସେଗୁଡିକୁ ଭାଙ୍ଗି ଦିଆଯାଉଛି। ଏ ବିଷୟରେ ହିନ୍ଦୁମାନେ ଅଭିଯୋଗ କଲେ ମଧ୍ୟ କେହି ଶୁଣନ୍ତି ନାହିଁ କି ଶୁଣିବାକୁ କେହି ଲୋକ ନାହାଁନ୍ତି । ମାନବାଧିକାର ସଂଗଠନ କହିଛି ଯେ, ଏଥିପାଇଁ ଅନେକ ହିନ୍ଦୁ ପାକିସ୍ତାନ ଛାଡି ଚାଲି ଯାଉଛନ୍ତି । ଯେଉଁମାନେ ରହି ଯାଉଛନ୍ତି, ସେମାନଙ୍କର ଧର୍ମ ସ୍ଥଳୀକୁ ନଷ୍ଟ କରି ଦିଆଯାଉଛି । ଲ୍ୟାଣ୍ଡ ଜିହାଦ ବୃଦ୍ଧି ପାଇଛି । ଜମି ମାଫିଆମାନେ ହିନ୍ଦୁମାନଙ୍କର ଜମିକୁ ଜବର ଦଖଲ କରି ନେଉଛନ୍ତି । ସିନ୍ଧର ଲ୍ୟାଣ୍ଡ ଜିହାଦିମାନେ ମିଥ୍ୟା 'ପାୱାର ଅଫ୍ ଆଟର୍ଣ୍ଣି'କରି ସେମାନଙ୍କର ଜମି ଅଧିକାର କରି ନେଉଛନ୍ତି । ଏକ୍ସପ୍ରେସ ଟ୍ରିବ୍ୟୁନ (The Express Tribune) ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ୨୦୧୪ ସୁଦ୍ଧା ୯୫ ପ୍ରତିଶତ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରି ଦିଆଯାଇଛି । ତଥ୍ୟ ଅନୁଯାୟୀ ୧୯୯୦ ପରଠାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୨୮ଟି ଧର୍ମପୀଠ ମଧ୍ୟରୁ ୪୦୮ଟି ଭାଙ୍ଗି ଦିଆଯାଇଛି । ତା' ଉପରେ ସମାଧି, ଶୌଚାଳୟ, ଦୋକାନ, ରେଷ୍ଟୁରାଂଟ, ସରକାରୀ ଅଫିସ ଓ ବିଦ୍ୟାଳୟ ଗଢି ଉଠିଛି । ସେଠାରେ କେବଳ ୨୦ଟି ଧର୍ମପୀଠ ଅଛି ଯେଉଁଠାରେ ପୂଜା ପାଠ କରାଯାଉଛି । ଅନେକ କେତେକ ମନ୍ଦିର ଅଛି ସେଠାକୁ ଯିବା ପାଇଁ ବାଟ ବନ୍ଦ କରି ଦିଆଯାଇଛି । ଯାହାଫଳରେ ସେଠାକୁ କେହି ପୂଜା ପାଠ କରିବା ପାଇଁ ଯାଇ ପାରିବେ ନାହିଁ । ଏକ୍ସପ୍ରେସ ଟ୍ରିବ୍ୟୁନର ଏକ ରିପୋର୍ଟ ଅନୁଯାୟୀ,ଡେରା ଇସମାଇଲ ଖାନରେ ଥିବା କାଳୀ ବରୀ ହିନ୍ଦୁ ମନ୍ଦିରକୁ ଜଣେ ମୁସଲମାନଙ୍କୁ ଭଡା ଦିଆଯାଇଛି । ସେମାନେ ସେହି ମନ୍ଦିରକୁ ତାଜମହଲ ହୋଟେଲ ଭାବରେ ବ୍ୟବହାର କରୁଛନ୍ତି । ପାକିସ୍ତାନର କରାଚିରେ ଥିବା ୧୦୦୦ ବର୍ଷର ପୁରାତନ ବରୁଣ ମନ୍ଦିର ଶୌଚାଳୟ ଭାବରେ ବ୍ୟବହୃତ । ଏହି ମନ୍ଦିର ପାକିସ୍ତାନ ପାଇଁ ଏକ ଐତିହାସିକ ପୀଠ ହେବା କଥା । କିନ୍ତୁ ଏହା ହେଲା ନାହିଁ । ୨୦୦୮ରେ ଡେଲି ଟାଇମ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ମନ୍ଦିରର ଏକ ଅଂଶ ଶୌଚାଳୟ ଭାବେ ବ୍ୟବହୃତ ହେଉଛି । ଏଠାରେ ୧୯୫୦ ମସିହାରେ ହିନ୍ଦୁମାନେ ଲାଲ ସାଇ ବରୁଣ ଦେବଙ୍କ ଶେଷ ପର୍ବ ପାଳନ କରିଥିଲେ । ଯେତେବେଳେ ଏ ଖବର ସାରା ବିଶ୍ୱରେ ପ୍ରଚାରିତ ହେଲା ସେତେବେଳେ ମନ୍ଦିରର ପୁନରୁଦ୍ଧାର ଖବର ସାମ୍ନାକୁ ଆସିଲା । ସେହିପରି ପାକିସ୍ତାନ ଖାଇବର ପାଖ୍‌ତନଖ୍ୱା କରକର ଜିଲ୍ଲାର ଏକ ଛୋଟ ଗାଁ ଟେରିରେ କୃଷ୍ଣ ମନ୍ଦିର ଥିଲା । ଏହାର ଚତୁଃପାର୍ଶ୍ୱରେ ଘରଦ୍ୱାର କରି ଦିଆଯାଇଥିଲା । ମନ୍ଦିରର ପ୍ରବେଶ ପଥକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଏବେ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଜୋର ସୋର ଆନ୍ଦୋଳନ ଚାଲିଛି । ଏହିପରି ଅନେକ ଘଟଣା ଅଛି । ପାକିସ୍ତାନ ହିନ୍ଦୁ ପରିଷଦ ଅନୁଯାୟୀ, ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କର ୧୪୦୦ରୁ ଅଧିକ ପବିତ୍ର ସ୍ଥାନ ବା ଧର୍ମପୀଠ ଅଛି ଯାହାର ଚିହ୍ନବର୍ଣ୍ଣ ନାହିଁ । ସେହି ପବିତ୍ର ପୀଠଗୁଡିକ ଉପରେ ଦୋକାନ, ଗୋଡାଉନ ଆଦି ତିଆରି ହୋଇଛି । କିଛି ବର୍ଷ ପୂର୍ବେ କରାଚିର ଜଣେ ସାମ୍ବାଦିକ ତଥା ଲେଖକ ରେମା ଅବାସି (Reema Abbasi) ତାଙ୍କର ପୁସ୍ତକ 'ପାକିସ୍ତାନରେ ଐତିହାସିକ ମନ୍ଦିର-ଏ କଲ୍ ଟୁ କନ୍‌ସାଇନ୍ସ' (Historic Temples in Pakistan: A Call to Conscience)ରେ ପାକିସ୍ତାନରେ ଥିବା ମନ୍ଦିରଗୁଡିକର ସୁନ୍ଦର ସୁନ୍ଦର ଫଟୋଗୁଡିକ ପ୍ରକାଶିତ କରିଛନ୍ତି । ଏବେ ସେହି ବହିରେ ଥିବା ମନ୍ଦିରଗୁଡିକ ପାକିସ୍ତାନରେ ଦେଖିବାକୁ ମିଳୁନାହିଁ । ଖନନ ଦ୍ୱାରା ମିଳୁଥିବା ହିନ୍ଦୁ ମୂର୍ତି ଏବଂ କଳାକୃତିକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ । ଦେଶର ସରକାର ଅଣ-ଇସଲାମିକ ଐତିହ୍ୟକୁ ଗ୍ରହଣ କରିବାକୁ ସର୍ବଦା ପଛଘୁଂଚା ଦେଉଛି । ଭାରତ ବିଭାଜନ ପରେ ପାକିସ୍ତାନରେ ଶହ ଶହ ମନ୍ଦିର ହଠାତ ବିନା ଶବ୍ଦରେ ଅଦୃଶ୍ୟ ହୋଇଗଲେ। ସେ ସ୍ଥାନରେ ଅନେକ ମସଜିଦ, ଦୋକାନ ଏବଂ ଅନ୍ୟାନ୍ୟ ଅଟ୍ଟାଳିକାଗୁଡିକ ଗଢି ଉଠିଲା । ଅତୀତକୁ ଲିଭାଇବାକୁ ଏଠାରେ ପ୍ରୟାସଗୁଡିକ ସ୍ପଷ୍ଟ ହୋଇଛି । ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ଧର୍ମପୀଠଗୁଡିକୁ ଭାଙ୍ଗିବା ଏବଂ ତା' ଉପରେ ନୂଆ ଢାଂଚା ତିଆରି କରିବା କିଛି ନୂଆ କଥା ନୁହେଁ । ପ୍ରତିମାସରେ ଗଣମାଧ୍ୟମରେ ପ୍ରକାଶ ପାଉଛି ପାକିସ୍ତାନରେ ମନ୍ଦିର ଭଙ୍ଗା ଯାଇ ମସଜିଦ୍ ନିର୍ମାଣ ଚାଲିଛି । ପଡୋଶୀ ଦେଶ ସହିତ ଶାନ୍ତି ବିଷୟରେ କଥା ହେବା କିନ୍ତୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା । ଏହା ହେଉଛି ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନର ନୂଆ ଚାଲ। ବିଶେଷ କରି ମନ୍ଦିର ଉପରେ ଆକ୍ରମଣ କରିବା ପାକିସ୍ତାନରେ ଏକ ପ୍ରକାର ଧାରା ହୋଇ ସାରିଛି । ବିଶ୍ୱ ଦରବାରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେଉଛି ବୋଲି କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଥିବା ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ, ଅତ୍ୟାଚାର ଓ ମନ୍ଦିର ଭଙ୍ଗା ଘଟଣା ବିଶ୍ୱରେ ପାକିସ୍ତାନର ଭାବମୂର୍ତ୍ତିକୁ ନଷ୍ଟ କରିଦେଇଛି ।

ଗୋଲଖି ଚନ୍ଦ୍ର ଦାସ,
ଶିଶିଡିଆ, ବାରୁଅ,କେନ୍ଦ୍ରାପଡା ।
ମୋ-୯୮୬୧୦୨୮୫୫୩


## ପାଣି ପାଇଁ ଛଟପଟ ୫୦ ପରିବାର, ପାନୀୟ ଜଳ ପ୍ରକଳ୍ପ ଅଚଳ



ଆନନ୍ଦପୁର (ପିଏନ୍): ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି । ଗାଁରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଉଛି । ବିଭିନ୍ନ ସ୍ଥାନରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇ ଜଳ ଯୋଗାଣ କରାଯାଉଛି । ହେଲେ ଗ୍ରୀଷ୍ମ ଆରମ୍ଭରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଯାଇ ଥିବାରୁ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ପଦନପୁର ଗ୍ରାମର ୫୦ ପରିବାର ମାସେ ହେଲା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ପଦନପୁର ଗ୍ରାମବାସୀଙ୍କ ଜଳ ଯୋଗାଣ ପାଇଁ ଏକ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଓଭରହେଡ୍ ଟାଙ୍କି ବସାଯାଇ ସହ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା । କିନ୍ତୁ ଆଜକୁ ମାସେ ହେଲା ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଗ୍ରାମର ୫୦ ପରିବାର ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବାଧ ହୋଇ ଲୋକମାନେ କୂଅ ଏବଂ ପୋଖରୀ ପାଣିକୁ ବ୍ୟବହାର କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ବିଷାକ୍ତ ବିଚାରଧାରା

ମୂଳଲେଖା-ଡା. ରାଜିବ ମିଶ୍ର, ଅନୁବାଦ-ଇଂ. ବିଦ୍ୟାଧର ପଣ୍ଡା



ମାନନୀୟା ରଶ୍ମିରେଖା ମହାରଣାଙ୍କ ସୁଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା। ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡା. ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି। ବହିର ନାଁ 'ବିଷାକ୍ତ ବାମପନ୍ଥ' ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ। ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି। ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ। ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସ୍ୱାଭାବିକ୍। ତେଣୁ ତୁରନ୍ତ ବଡଭାଇ ଡା. ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି। ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ, ତାଙ୍କୁ ଅନେକ ଅନେକ ଧନ୍ୟବାଦ। ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକମାନଙ୍କୁ ଭେଟିଦେବାକୁ ପ୍ରୟାସ କରିଛି।

'ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା' ଉକ୍ତିଟିରେ ଅଯଂ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି। ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, ''ବାମପନ୍ଥ ଉପରେ ଏକ ପୁସ୍ତକ କାହିଁକି ଲେଖିବା? ଯାହା ଘଟିଗଲା, ଚାଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ'ଣ ନିହାତି ଦରକାର? ବାମପନ୍ଥ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ! ତା'କୁ ପଢିବ କିଏ? ଆଜି ବାମପନ୍ଥ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ଚାହିଁବ?'' ଋଷିଆରେ ବାମପନ୍ଥ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିଆ ଏବଂ କ୍ୟୁବାରେ ବଂଚିଛି, ଚୀନ୍‌ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ!

ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡିଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ୟା' କଥା କ'ଣ ଆଉ କହିବା! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ୟାକୁ ଦୂର୍‌ଦୂର୍ ମାର୍‌ମାର୍ କଲେ। ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ଯେ ଆମର କ'ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ! ଏହି ପରିସ୍ଥିତିରେ ବାମପନ୍ଥ କାହିଁକି ପ୍ରାସଙ୍ଗିକ! ସତରେ କ'ଣ ବାମପନ୍ଥ ପରାଜୟ ବରଣ କରିସାରିଛି? କିମ୍ବା ଏହା କେବଳ ରୂପ ବଦଳେଇ ଦେଇଛି ଏବଂ ଏକ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତେ ଏକ ସାମାଜିକ ଶକ୍ତି ହିସାବରେ ଆଜି ବି ସତ୍ତା ଭୋଗ କରୁଛି? କିଶୋରାବସ୍ଥାରେ ପ୍ରାୟ ଲୋକ ବାମପନ୍ଥୀ ରାଜନୀତି ଏବଂ ସେହି ବିଚାରଧାରାର କୌଣସି ନା କୌଣସି କୂଳକୁ ଛୁଇଁଥାନ୍ତି। ପ୍ରତ୍ୟେକ ଯୁବକ ଉଣା ଅଧିକେ ବାମପନ୍ଥୀ ହୋଇଥାନ୍ତି। କିନ୍ତୁ ଅଧିକାଂଶ ସୁସ୍ଥ ମାନସିକତାବାଲା ଲୋକ ଏଥିରୁ ବାହାରକୁ ବାହାରି ପଡି ବଡ ହୋଇଯାଆନ୍ତି। ତଥାପି ବହୁତ ଲୋକ କୌଣସି ନା କୌଣସି ରୂପରେ ବାମପନ୍ଥୀ ବିଚାର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ସବୁଦିନ ପାଇଁ ରହିଯାନ୍ତି। ସେମାନେ ଏହି ସାମାନ୍ୟ ସାମାଜିକ ବିଚାରବଳ ଦ୍ୱାରା ବାମପନ୍ଥ ସମାଜକୁ ସଂଚାଳିତ କରୁଥାନ୍ତି ଏବଂ ନିଜର ବିଷାକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସମର୍ଥ ହୁଅନ୍ତି।

ନିଜର ଯୁବାବସ୍ଥା ମହାବିଦ୍ୟାଳୟରେ ପଠନ କାଳରେ ମୁଁ ବି ବାମପନ୍ଥୀ ଥିଲି। କିନ୍ତୁ ଧିରେଧିରେ ବୁଦ୍ଧିର ବିକାଶ ହେବାରୁ ଏଥିରୁ ବାହାରି ଆସିଲି ବୋଲି ବଂଚିଗଲି। ହେଲେ ନିଜର ସେହି ବାମପନ୍ଥୀ ମନସ୍ଥିତି ବିଚାରକୁ ମୁଁ ବନ୍ଦ କରି ପାରିଲିନି। ବିଗତ କିଛି ବର୍ଷ ହେଲା ସାମାଜିକ ଗଣମାଧମରେ ଲେଖାଲେଖି କରିବା ଭିତରେ ମୁଁ ମୋ ନିଜର ଅନ୍ତଃକରଣ ଦୃଷ୍ଟି ଏବଂ ମନକୁ ସମୃଦ୍ଧ କରିବାକୁ ଲାଗିଲି, ପରେ ମୋତେ ସବୁକିଛି ସ୍ୱଷ୍ଟ ହେବାରେ ଲାଗିଲା। କିନ୍ତୁ ମୁଁ ଯଦି ଏହି ବହିର ଶ୍ରେୟ କେବଳ ନିଜେ ନେବାକୁ ଚେଷ୍ଟା କରିବି ତେବେ ଏହା ମୋ ପକ୍ଷରେ ବୌଦ୍ଧିକ ବେଇମାନୀ ହେବ। ମୋର ଦୃଷ୍ଟିକୁ ଅଧିକ ସ୍ପଷ୍ଟ କରିବାର ଶ୍ରେୟ ଆଦରଣୀୟ ବଡଭାଇ ଶ୍ରୀ ଆନନ୍ଦ ରାଜାଧ୍ୟକ୍ଷ ମହାଶୟଙ୍କୁ ଯାଇପାରେ। ମୋତେ ସର୍ବଦା ତାଙ୍କର ବୌଦ୍ଧିକ ଏବଂ ସୁବିଚାରର ମାର୍ଗଦର୍ଶନର ସୌଭାଗ୍ୟ ମିଳିଛି ଏବଂ ତାଙ୍କ ସହିତ ଘଂଟାଘଂଟା ଧରି ବିଚାରବିମର୍ଷ କଳାପରେ ଯାଇ ମୁଁ ଏହି ପୁସ୍ତକର ବିହନ ବୁଣିବାରେ ସମର୍ଥ ହୋଇଛି। ଯଦି ଏହି ପୁସ୍ତକ ଏକ ବହୁବିଧ ବିଚାରର ଫସଲ ହୋଇଥାଏ ତେବେ ଏହାର ବୁଣିବା ଏବଂ ଖତପାଣି ଦେଇ ବଂଚାଇବାର ଶ୍ରେୟ ଆନନ୍ଦଜୀ ଭାଇଙ୍କୁ ହିଁ ଯିବ। ମୁଁ ତ କେବଳ ହିଡ ଏବଂ ବାଡଟିଏ ଏହା ଚାରିପଟେ ବାନ୍ଧି ଏହାର ଜଗୁଆଳି ପରି କାମ କରିଛି ଏବଂ ଆଜି ଏହି ଫସଲ କାଟିବାକୁ ବସିଛି।

ମହାବିଦ୍ୟାଳୟରେ ପଢିବା ସମୟରେ ମୋତେ ବି ମୋର ବିଚାର ଶକ୍ତିର କ୍ରମବିକାଶ କରିବାକୁ ଅନେକ ସାଥୀ ମିଳିଗଲେ। ସନ୍ଧ୍ୟାର ଲମ୍ବା ଆସରର ଚା'ପିଆ ଖଟିରେ ଏବଂ ତାସପାଲି ପଡିବା ଭିତରେ ଲମ୍ବାଲମ୍ବା ରାଜନୈତିକ ତର୍କବିତର୍କ ମୋତେ ସମ୍ଭାଳିଲା, ବଦଳେଇଲା ଏବଂ ପ୍ରକୃତ କଥା ବୁଝେଇବାରେ ମୋ ବାମପନ୍ଥୀ ମନକୁ ସାହାଯ୍ୟ କଲା। ଯଦି ମୁଁ ସେତେବେଳର ମେଡିକାଲ କଲେଜରେ ଅନେକ ସହପାଠୀଙ୍କୁ ମନେ ନପକାଏ ତେବେ ଅନ୍ୟାୟ ହେବ। ମନିଷ ଖାନ୍ନା, ଧୀରଜ ସୈନୀ, ସୁନୀଲ ରୈନା, ଦିନେଶ ତ୍ରିପାଠୀ, ଅଜୟ ଭାରଦ୍ୱାଜ, ଆପଣମାନଙ୍କୁ କେତେ ସନ୍ଧ୍ୟାରେ ଏ ପୁସ୍ତକର କେତେ ବିଷୟକୁ ନେଇ ହଇରାଣ କରିଛି ଗଣନା କରି ହେବନି। ଜାମସେଦ୍‌ପୁରରେ ଅଭ୍ୟୁଦୟ ଏବଂ ପୂର୍ବସୈନିକ ସେବା ପରିଷଦର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋର ଏହି ବିଚାରଯାତ୍ରାର ସାକ୍ଷୀ ଅଛନ୍ତି ଏବଂ ତାଙ୍କର ବୈଚାରିକ ସାମାଜିକ ପ୍ରତିବଦ୍ଧତା ସଦାସର୍ବଦା ମୋ ପାଇଁ ପ୍ରେରଣାର ସ୍ରୋତ ରହିଥିବେ। ସେ ନିଜେ ଜମି ଉପରେ ସ୍ଥିର ରହି ମୋତେ ମୁକ୍ତାକାଶରେ ଉଡାଣ ଭରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ। ତଥାପି ମୋତେ କେବେ ବି ମୂଳରୁ ଅଲଗା ହେବାକୁ ଦେଇନାହାନ୍ତି। ପ୍ରାୟ ଏ ସମଗ୍ର ପୁସ୍ତକ ଭିନ୍ନଭିନ୍ନ ସମୟରେ ଫେସ୍‌ବୁକ ପୃଷ୍ଠାର ଅଂଶ ହୋଇଛି। ମୋର ଯେଉଁ ହଜାର ହଜାର ସାଙ୍ଗ ସେଠାରେ ମୋର ଏହି କୃତିକୁ ପଢି ଲାଇକ୍ ଏବଂ ସେୟାର କରି ଏପରି ଏକ ପୁସ୍ତକ ଲେଖିବା ପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି, ଏ ପୁସ୍ତକ ମୂଳତଃ ସେହିମାନଙ୍କର ସମ୍ପତ୍ତି।

ପ୍ରତ୍ୟେକ ବିବାହିତ ବ୍ୟକ୍ତିମାନଙ୍କ ପରି ନିଜର ଉପଲବ୍ଧି ପାଇଁ ଯଦି ମୁଁ ମୋର ଧର୍ମପତ୍ନୀଙ୍କୁ ଶ୍ରେୟ ନଦିଏ ତେବେ ମୋର ତାଙ୍କ ସହ ଗୋଟିଏ ଛାତତଳେ ବଂଚିବାର ଉପାୟ ନାହିଁ। ପଲ୍ଲବୀର ଶ୍ରେୟ କେବଳ ତା ଭାଗ ସମୟରୁ କାଟି ମୁଁ ଏ ପୁସ୍ତକ ଲେଖିଛି ଏବଂ ସିଏ ମୋତେ କେବଳ ଲେଖିବା ପାଇଁ ଦେଲା ତାହା ନୁହେଁ, ସେ ମୋର ବିଚାରଯାତ୍ରାର ଏକ ବଡ ସହଭାଗିନୀ ଏବଂ ବିରାଟ ସମ୍ବଳ। ଏହି ବାହାନା ବହୁତ ହେବ କି ପଚିଶ ବର୍ଷ ପୂର୍ବେ ଯେବେ ଆମ ଦୁହିଁଙ୍କର ମିଳନ ହେଲା ସେତେବେଳେ ମୁଁ ବାମପନ୍ଥୀ ଥିଲି। ପରେ ଆମ ଭିତରେ ପ୍ରେମାଳାପ ସହ ଧିରେଧିରେ ମୁଁ ରାଷ୍ଟ୍ରବାଦୀ ହେବାକୁ ଆରମ୍ଭ କଲି, ଏହା କେବଳ ମାତ୍ର ଏକ ସଂଯୋଗ ନୁହେଁ। ଏ ପୁସ୍ତକ ଲେଖାଯିବା ପୂର୍ବରୁ ଏହାର ଅଧିକାଂଶ ଭାଗ ଏକ ବହୁତ ଶିକ୍ଷିତ, ଦକ୍ଷ ଏବଂ ଉତ୍ତମ ବୁଦ୍ଧିସମ୍ପନ୍ନ କିଶୋର ସହ କଥାବାର୍ତ୍ତା ମାଧ୍ୟମରେ ବିକଶିତ ହୋଇଛି। ସିଏ ମୋର ସୁପୁତ୍ର ସିଦ୍ଧାର୍ଥ। ଏ ପୂରା ପୁସ୍ତକ ମୂଳତଃ ସିଦ୍ଧାର୍ଥ ଏବଂ ସେହି ଯୁବାପିଢିଙ୍କ ପାଇଁ ଚିନ୍ତା ଏବଂ ସଂସ୍କାରଗୁଡିକ ଉପରେ ଚାଲିଥିବା ବୈଚାରିକ ପ୍ରତିକାରର ବ୍ୟାକୁଳତା ଉପରେ ଆଧାରିତ। ମୋର ପ୍ରୟାସ ଏହି ପୁସ୍ତକ ସମସ୍ତ ଯୁବପିଢିଙ୍କ ହାତକୁ ପହଁଚୁ, ତାଙ୍କର ବିଚାର ପ୍ରକ୍ରିୟାର ଅଂଶବିଶେଷ ହେଉ ଏବଂ ସେମାନଙ୍କୁ ବାମପନ୍ଥ ବିଷଠାରୁ ବଂଚେଇବାରେ ସହାୟକ ହେଉ। ସେହି ଭବିଷ୍ୟତ ପିଢିକୁ ମୋର ଏହି ପୁସ୍ତକ ସମର୍ପଣ କରୁଛି। **(କ୍ରମଶଃ...)**

**ଇଂ. ବିଦ୍ୟାଧର ପଣ୍ଡା**
ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି,
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯, ମୋ-୯୪୩୯୧୨୮୦୫୦/
୭୯୭୮୦୧୯୦୮୧, bdpanda1@gmail.com

## ଏମ୍.ବି.ବି.ଏସ୍‌ର ଶେଷବର୍ଷରେ ଏଫ୍.ଏମ୍.ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଡଃ ବିଦିଶା ପଣ୍ଡାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ




ଭୁବନେଶ୍ୱର (ପିଏନ୍): ନିଷ୍ଠା, ଅଧ୍ୟବସାୟ, ଦୃଢ ମନୋବଳ ତଥା ପ୍ରତିକୂଳ ପରିବେଶରେ ନିଜକୁ ଖାପ ଖୁଆଇ ଆଗକୁ ବଢିବାର ଦୃଢ ଇଚ୍ଛାଶକ୍ତି ନିଶ୍ଚିତ ସଫଳତା ଆଣିଦିଏ ଏହା ପ୍ରମାଣିତ କରିଛନ୍ତି ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଆସୁଥିବା ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ବରିଷ୍ଠ ସଭ୍ୟ ତଥା କିଟ୍ ବିଦ୍ୟାଳୟରେ କାର୍ଯ୍ୟରତ ଶ୍ରୀ ବିଶ୍ୱନାଥ ପଣ୍ଡା ତଥା ମନୋରମା ପଣ୍ଡାଙ୍କ ସୁପୁତ୍ରୀ ଡଃ ବିଦିଶା ପଣ୍ଡା। ଏକ ନିମ୍ନମଧ୍ୟବି ପରିବାରର ସମସ୍ତ ପ୍ରତିକୂଳ ପରିବେଶକୁ ପଛରେ ପକାଇ ଡାକ୍ତର ହୋଇ ଜନମାନସର ସେବା କରିବାର ଦୃଢସଂକଳ୍ପକୁ ସଫଳତାର ସହ ପୂରଣ କରିଛନ୍ତି ବିଦିଶା। ୨୦୧୯-୨୦ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଟକସ୍ଥିତ ଏସ୍.ସି.ବି ମେଡିକାଲ କଲେଜରୁ ଏମ୍.ବି.ବି.ଏସ୍ ଡିଗ୍ରୀ ସଫଳତାର ସହ ଉ ର୍ତ୍ତି ହୋଇ ବ ର୍ମାନ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ବିଦିଶା ଏଫ୍, ଏମ୍. ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତର ମହାମହିମ ଉପରାଷ୍ଟ୍ରପତିଙ୍କ ସଦୟ ଉପସ୍ଥିତିରେ ସଦ୍ୟ ସମାହିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବ ର୍ନ ଉତ୍ସବରେ ରାଜ୍ୟର ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ ଅରୁଣ ସାହୁଙ୍କ ଠାରୁ ପଦକ ତଥା ମାନପତ୍ର ଗ୍ରହଣ କରିଛନ୍ତି ବିଦିଶା। ପ୍ରକାଶ ଥାଉକି, ବିଦିଶା ଡି.ଏ.ଭି. ପବ୍ଲିକ୍ ସ୍କୁଲ ଚନ୍ଦ୍ରଶେଖରପୁରରୁ ଦଶମ, କିଟ୍ ଇ ରନ୍ୟାସନାଲ ସ୍କୁଲରୁ ଦ୍ୱାଦଶ ଏବଂ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ସଫଳତାର ସହ ଉ ର୍ତ୍ତି ହୋଇ ଏସ୍.ସି.ବି. ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ପାଇଁ ସ୍ଥାନ ପାଇ ଆଜି ସଫଳତାର ଶିର୍ଷରେ ପହ ିପାରିଛନ୍ତି। ଏଥି ସହ ବିଦିଶା ତାଙ୍କର ସମସ୍ତ ଦୁଃଖ ଓ କଷ୍ଟକୁ ପଛରେ ପକାଇ ନିଜ ଅଧ୍ୟବସାୟ ତଥା ଜନହିତକର କାର୍ଯ୍ୟପାଇଁ ରାଜୀବ୍ ଗାନ୍ଧୀ ସଦ୍‌ଭାବନା ସମ୍ମାନ, ମଦର ଟେରେସା ଶାନ୍ତି ସମ୍ମାନ, ବିବେକାନନ୍ଦ ଆନ୍ତର୍ଜାତୀୟ ସମ୍ମାନ ଇତ୍ୟାଦିରେ ପୁରସ୍କୃତ ହୋଇଛନ୍ତି। ବିଦିଶା ପାଠ ବ୍ୟତିତ ନୃତ୍ୟ, ସଂଗୀତ, କୁଇଜ୍ ଏବଂ ଲେଖା ଲେଖିରେ ମଧ୍ୟ ରୁଚି ରଖିଆସୁଛନ୍ତି। ବିଦିଶାଙ୍କର ଏହି ସଂଘର୍ଷମୟ ଜୀବନ ଯାତ୍ରା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ବିଦିଶାଙ୍କ ଏହି ସଫଳତାରେ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ, ଅନ୍ୟାନ୍ୟ ସଭ୍ୟବୃନ୍ଦଙ୍କ ସହ ଅ ଳର ବୁଦ୍ଧିଜୀବି ତଥା ଜନସାଧାରଣ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ କୋଟି କୋଟି ଟଙ୍କା ହେରଫେର: ଭିଜିଲାନ୍ସ ତଦନ୍ତ ଦାବୀ କଲେ ସଦର ବିଧାୟକ

କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ କୋ-ଅପରେଟିଭ ସୋସାଇଟିରେ ନିୟମ ବହିର୍ଭୂତ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କରିଛନ୍ତି। ଲୋଡିଂ ଏବଂ ଅନଲୋଡିଂ ପାଇଁ ଆସୁଥିବା ଅର୍ଥ ବେନିୟମ ଭାବେ ଖର୍ଚ୍ଚ ହେଉଥିବାବେଳେ ପ୍ରଶାସନିକ ଅଧିକାରୀ ଏଥିରେ ସହାୟତା କରୁଛନ୍ତି। ସମବାୟ ବିଭାଗ ଦ୍ୱାରା ପଂଜିକୃତ ହୋଇଥିବା ଏହି ସୋସାଇଟିରେ ମାସିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଗତ କିଛିଦିନ ତଳେ ୨ଜଣ ସଦସ୍ୟଙ୍କୁ ପ୍ରୋକଲେନ ଗାଡି କିଣିବା ୧୬ ଲକ୍ଷ ଟଙ୍କା ଦିଆଯାଇଛି। ଯାହାକି ସଂପୂର୍ଣ୍ଣ ବେଆଇନ। ଗାଡି କିଣିବା ପାଇଁ ସୋସାଇଟି ଅର୍ଥ ଦେବାର ନିୟମ ନଥିବାବେଳେ କିଭଳି ଅର୍ଥ ଦିଆଗଲା ତାହା ତଦନ୍ତ କରାଯିବାକୁ ଦାବୀ କରିଛନ୍ତି। ସୋସାଇଟି ଭାଙ୍ଗିଯିବା ପରେ ସମବାୟ ବିଭାଗ ପକ୍ଷରୁ ଗତ ୫ ମାସ ହେବ ଜଣେ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଏହି ଅଧିକାରୀ କୋଟି କୋଟି ଟଙ୍କା ବେନିୟମ ଖର୍ଚ୍ଚ ହେଉଥିଲେ ହେଁ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ଏହି ଅଧିକାରୀଙ୍କ ତଦାରଖରେ ସୋସାଇଟିର ବାଇ-ଲୋ ଅନୁସାରେ ଟଙ୍କା ଖର୍ଚ୍ଚ ହେବା କଥା। ମାତ୍ର ତାହା ନକରାଯାଇ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏପରିକି ସେଲଫ ଚେକ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଉଠାଣ ହେଉଛି। ଶୁଆକାଟୀସ୍ଥିତ ପାଟେଶ୍ୱର ଯୁକ୍ତ ଦୁଇ କଲେଜର ଜଣେ କିରାଣୀ ବସନ୍ତ କୁମାର ପ୍ରଧାନ ମଧ୍ୟ ଶୁଆକାଟୀ ଲୋଡିଂ ଏଜେନ୍ସିରେ କ୍ୟାସିୟର ଭାବେ କାମ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ୨ଟି ସ୍ଥାନରେ କିପରି କାମ କରି ଦରମା ନେଉଛନ୍ତି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗଣଶିକ୍ଷା ବିଭାଗ ପଦକ୍ଷେପ ନେବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ। ଦୀର୍ଘ ବର୍ଷ ହେବ ଏହି ସୋସାଇଟି ନିୟମ ବହିର୍ଭୂତ କାମ କରିଥିବାରୁ ସୋସାଇଟି ଭାଙ୍ଗିଦେବା ସହ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକ ଦାୟିତ୍ୱ ନେବା ପରେ ଗତ ୫ମାସର ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ କରିବାକୁ ଡିଆର୍‌ସିଏସ୍‌ଙ୍କ ନିକଟରେ ଶ୍ରୀ ମାଝୀ ଦାବୀ କରିଛନ୍ତି।

## କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସ ଡିଜିପି ଡିସ ପୁରସ୍କାର ପାଇଲେ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲାରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଅଭୟ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଡିସ ପୁରସ୍କାର ପ୍ରଦାନ କରିଥିବା ଜଣାପଡିଛି । କନେଷ୍ଟବଳ ଶ୍ରୀ ଦାସ ଜଣେ ଦକ୍ଷ ଓ କର୍ମଠ ପୋଲିସ କର୍ମଚାରୀ ଭାବରେ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ପୁରସ୍କୃତ ହୋଇଥିବା ସୂଚନା ମିଳିଛି ।

## ଆର୍ସେଲ ମିତ୍ତଲ କମ୍ପାନୀର ମନମାନୀ, ଆବଶ୍ୟକତାଠାରୁ ଅଧିକ ଖଣିଜ ପଦାର୍ଥ ପରିବହନ ଟ୍ରାଫିକ ସମସ୍ୟାର ମୁଖ୍ୟକାରଣ

ଯୋଡା/ବଡକାଳିମାଟି (ପିଏନ୍): ଟ୍ରାଫିକ ଜାମ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଏ ନେଇ ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା ଜାମ ଓ ଯାତାୟାତ ପରିସ୍ଥିତି ଅଣାୟତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସମୟରେ ବୈଠକ କରାଯାଇ ଏହାର ସମାଧାନ ବାହାର କରାଯାଉଛି । ହେଲେ ଏଠାରେ ଫଳ ଶୂନ । ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ସହିତ ଟ୍ରାଫିକ ଗାଡି ମଧ୍ୟ ନିଯୁକ୍ତି କରାଯାଇଛି । ଏଠାରେ ଦିନେ ନୁହେଁ କି ଅଧେ ନୁହେଁ ବର୍ଷ ବର୍ଷ ଧରି ଖଣି ଅଞ୍ଚଳର ଲୋକେ ଭୋଗିଚାଲିଛନ୍ତି ଏଭଳି ଟ୍ରାଫିକ ଜାମ ସମସ୍ୟା । ଏମିତି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବଡକାଳିମାଟି ପଞ୍ଚାୟତର ଦୁବୁନା ଠାରେ ଥିବା ଆର୍ସେଲ ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ଠାରେ । ଖଣି ଅଞ୍ଚଳର ବଡକାଳିମାଟି ଠାରୁ ଦୁବୁନା ପର୍ଯ୍ୟନ୍ତ ଯେଉଁ ପ୍ରକାର ରାସ୍ତା ଜାମରେ ଉତ୍କଟ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି ଆଖିରେ ନ ଦେଖିଲେ ବିଶ୍ୱାସ କରିବା କଷ୍ଟ । ଏଭଳି ସ୍ଥଳେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ସ୍ଥାନୀୟ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷ କରି ବଡକାଳିମାଟିଠାରୁ ଦୁବୁନା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାଟି ଆର୍ସେଲ ମିତ୍ତଲ କମ୍ପାନୀକୁ ଯାଉଥିବା ବଡ ବଡ ଭାରିଯାନ କବଜାରେ ରାସ୍ତାଗୁଡିକ ଦିନରାତି ରହୁଥିବା ଫଳରେ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ସ୍ଥାନୀୟ ଜନ ସାଧାରଣ । ଆବଶ୍ୟକତା ଠାରୁ ଅଧିକ ଖଣିଜ ପଦାର୍ଥ ପ୍ଲାଣ୍ଟରୁ ପରିବହନ ହେଉଥିବା କାରଣରୁ ରାସ୍ତା ଜାମର ସମସ୍ୟା ଲାଗି ରହୁଛି । ପ୍ରତ୍ୟକ ଦିନ ଟ୍ରାଫିକ ଜାମ ସମସ୍ୟା ହେତୁ ଆମ୍ବୁଲାନ୍ସ ମଧ ରୋଗୀକୁ ନେବା ପାଇଁ ମନା କରି ଦେଉଛନ୍ତି । ୧୦୮କୁ ଫୋନ କଲେ ପଚାରୁଛନ୍ତି କେଉଁ ଜାଗାରେ; ଯଦି କୁହାଯାଏ ଦୁବୁନା, ପୁରୁଣାଡିହ, ଖଜୁରୀଡିହି, ହାତୀମରା, ନୟାଗଡ, ବସନ୍ତପୁର କିମ୍ବା ପିଢୋପୋଖରୀ ତେବେ କହୁଛନ୍ତି ହେ ଭଗବାନ ରାସ୍ତା ଜାମ ନାହିଁତ? ନହେଲେ ରାତି ପାହିଯିବ ପହଞ୍ଚିବାକୁ । ଏଥିରୁ ଚିନ୍ତାକରନ୍ତୁ ଏଠାକାର ସ୍ଥାନୀୟ ବାସିନ୍ଦା କେମିତି ଜୀବନଯାପନ କରୁଥିବେ । ଏଥିନେଇ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳିପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି । ମିତ୍ତଲ କମ୍ପାନୀ ପରିବହନ କ୍ଷେତ୍ରରେ ଅଧିକ ଟ୍ରକଗୁଡିକୁ ଲଗାଇବା ଦ୍ୱାରା ଏଭଳି ରାସ୍ତା ଜାମର ବିଷମ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ମହଲରେ ଦାବି ହେଉଛି ।

## କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ୍ ଲାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସିମିଳିପାଳ ଏଫ୍‌ସି ବିଜୟୀ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ତୃତୀୟ ବାର୍ଷିକ କୁଶ ପଟ୍ଟନାୟକ ମେମୋଲିଆଲ ଫ୍ଲଡ ଲାଇଟ୍ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୧ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍ ମା'ମଙ୍ଗଳା (କଟକ) ଓ ବାରିପଦା ସିମିଳିପାଳ ଏଫ୍‌ସି ମଧ୍ୟରେ ସନ୍ଧ୍ୟା ୬.୩୦ମିନିଟରେ ଖେଳ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା ଖେଳ ହୋଇଥିଲେ ମଧ ସିମିଳପାଳ ଏଫ୍‌ସି ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଥିଲା । ଏହି ଖେଳକୁ ରେଫରୀ ଭାବେ ଜ୍ୟୋତିରଂଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଲାଇନ୍‌ସରେ ବିଜୟ ହେମ୍ବ୍ରମ, ଜିତେନ୍ଦ୍ର କୁମାର ବାରିକ, ଉତ୍ତମ ବାରିକ ଓ ଅକ୍ଷୟ ହେମ୍ବ୍ରମ ସହଯୋଗ କରିଥିବା ବେଳେ ସୁରେଶ ଜେନା ଓ ମଦନ ପାଣି ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ଜଗତସିଂହପୁର ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ ଡଃ ଶମ୍ଭୁନାଥ ରାଉତ, ମନୋରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଫୁଟବଲ ଖେଳାଳୀ ବିନୋଦ ମିଶ୍ର, ଗଗନ ସିଂ, ନିରାକାର ଦଳେଇ, ଦେବବ୍ରତ କରଣ, ରମେଶ ସିଂ, ଅକ୍ଷୟ ମହାନ୍ତି, ନିଲୁ ମହାନ୍ତି, ଅଶୋକ ରାଉଳ, ଆଦିକନ୍ଦ ମହାକୁଡ, କୁଂଜବିହାରୀ ମିଶ୍ର, ଅଖିଳ ପଟ୍ଟନାୟକ, ସୁଦର୍ଶନ ରଣା, ମୁରଲିଧର ମିଶ୍ର, ହଲାଲ ଦାସ, ପ୍ରଦୀପ ହଜାରୀ ପ୍ରମୁଖ ପରିଚାଳନା କରିଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୨୭

# କରୁଣା ଓ କଲ୍ୟାଣ ନଇର କଲ୍ୟାଣୀ- ବିଜୟ ଲକ୍ଷ୍ମୀ

ବିଶ୍ୱ ନିୟନ୍ତାଙ୍କର ବିଚିତ୍ର ଏ ବିଶ୍ୱ । ସୃଷ୍ଟି ବିଚିତ୍ର ସ୍ରଷ୍ଟା ବିଚିତ୍ର । ବିଚିତ୍ର ଏହି ସୁନ୍ଦର ପୃଥିବୀ , ମହାକାଳଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ , ପଶୁ , ପକ୍ଷୀ , ବୃକ୍ଷଲତା , କୀଟପତଙ୍ଗ ସମସ୍ତେ କରାଳ ଗତିରେ ବିଲୀନ । ପ୍ରକୃତି ର ଅପୂର୍ବ ଶୋଭା ସୂର୍ଯ୍ୟ , ଚନ୍ଦ୍ର, ତାରା ଓ ଗ୍ରହମଣ୍ଡଳ , ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର , ସୁନ୍ଦର କମନୀୟ , ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଇଶ୍ୱରଙ୍କ ପ୍ରଥମ ସୋପାନରେ ଆମେ ମନୁଷ୍ୟ ସମାଜ । ମନୁଷ୍ୟର ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାଣ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ , ଅସାର କ୍ଷଣ ଭଙ୍ଗୁର ମାୟା ମୋହ ସଂସାର ସାଗର କୁ ପାରି କରିବା ପାଇଁ ଜ୍ଞାନ ହିଁ ବାଟ ଦେଖାଇ ଥାଏ । ସେହି କରୁଣାମୟ ଇଶ୍ୱର ଙ୍କ ଜ୍ଞାନ ରୁ ଆମେ ସମସ୍ତେ ଦୁଇ ପାଦ ଆଗେଇ ଥାଉ । ବିନା ସ୍ୱାର୍ଥରେ ବିନା ଦ୍ୱିଧାରେ ଯାହାଙ୍କ ପ୍ରତି ସ୍ୱର୍ଶରେ ଆମ୍ଭେ ଆଗେଇ ଥାଉ । ସେହି ଦୂର ଦିଗବଳୟ ଆର ପାରିର ଚନ୍ଦ୍ରମା ବିଜୟ ଲକ୍ଷ୍ମୀକି , କିଏବା ଭୂଲିବ । ଯାହାଙ୍କ ଜ୍ୟୋସ୍ନାରେ ଆଲୋକିତ ମହକିତ , ଉଲ୍ଲସିତ କେତେ ମନୁଷ୍ୟ , ସେହି କଲ୍ୟାଣମୟୀ ଲେଖିକା , ସାମାଜସେବିକା ବିଜୟଲକ୍ଷ୍ମୀ ୧୯୫୭ ମସିହା ଏପ୍ରିଲ ୨୪ ତାରିଖରେ ବାଲେଶ୍ୱର ର ଗୋପାଳ ଗାଁରେ ପିତା ଅନନ୍ତ ନାରାୟଣ ମାହାନ୍ତି ଓ ମାତା ଅନଙ୍ଗ ମରିଙ୍କ



ଅକ୍ଷୟ କୁମାର ରାଉତ

କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ । ପିଲା ଦିନୁ ସେ ଧୈର୍ଯ୍ୟ , ସାହାସ ଓ ଦୟାର ପ୍ରତିକ ଥିଲେ । ସେ କେବେ ଭାଙ୍ଗି ପଡୁ ନଥିଲେ ଦୁଃଖ ଓ ଯାତନାରେ , ବାରବାଟି ଉଚ୍ଚ ବିଦ୍ୟାଳୟ ରୁ କୃତିତ୍ୱ ସହକାରେ ସେ ଉର୍ତିନ୍ନ ହୋଇ ଲାଇବ୍ରେରି ସାଇନସ୍ ରେ ପି.ଜି କରିଥିଲେ । ସେ ବାଲେଶ୍ୱର ମହିଳା କଲେଜରେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୯୮୧ ମସିହାରେ ଖଇରା ମର୍ଜାପୁରର ସାରଦାଙ୍ଗ ଗ୍ରାମର ପତ୍ରକାର ସମାଜସେବି ଆଜି କାଲି ଦୈନିକ ଖବର କାଗଜ ର ପ୍ରତିଷ୍ଠତା ବିସ୍ମୟ ମାହାନ୍ତି ଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ସବୁ ବେଳେ ତାଙ୍କର ହସ ହସ ମୁହଁ ପରକୁ ଆପଣାର କରି ନେବାର କଳା , ସର୍ବୋପରି ନିଃସ୍ୱାର୍ଥପର ଜନସେବା ଯୋଗୁ ସେହି ମମତାମୟି ମା ବିଜୟଲକ୍ଷ୍ମୀ ସମାଜରେ ଶିକ୍ଷା ଓ ଜ୍ଞାନ ର କେନ୍ଦ୍ରବିନ୍ଦୁ ପାଲଟି ଥିଲେ । ସମାଜର ବିଭିନ୍ନ ବର୍ଗର ବ୍ୟାକ୍ତି କୁ ନିଃସ୍ୱାର୍ଥପର ଭାବେ ସେହ୍ନ ଓ ମମତା ରେ ବାନ୍ଧି ଥିବାରୁ ସେ ଅଚଂଳରେ ତାଙ୍କର ଆବର୍ତମାନ ସମସ୍ତଙ୍କୁ ଦୁଃଖ ଦେଇଛି ।ସଂାସାରିକ ଜୀବନରେ ତାଙ୍କର ପୁଅ ଟିଏ ଓ ଝିଅ ଟିଏ ହୋଇଥିଲା । ସେ ନିଜ ପିଲାଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବା ସହିତ ବିଭିନ୍ନ ଅନୁଷ୍ଠାନ ସହିତ ଯୋଡ଼ି ହୋଇ ଯାଇଥିଲେ । ତାଙ୍କ ଦ୍ୱାରା ନିର୍ମିତ ମହିଳା ସମିତି ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗଠନ ରେ ତାଙ୍କର ଭୂମିକା ଥିଲା । ଅନେକ ସଫଳତା ମଧ୍ୟରେ କେତେକ ବିଫଳତା ତାଙ୍କୁ ଖୁବ୍ ବ୍ୟଥିତ କରୁଥିଲା ।ମନୁଷ୍ୟ ସମାଜରୁ ସେହି ସମସ୍ତ ଅଜ୍ଞତା , ଅନ୍ଧବିଶ୍ୱସ ,ଅନ୍ଧଚାର ଓ କୁସଂସ୍କାର କୁ ଦୁରେଇ ଦେବା ପାଇଁ ସାହିତ୍ୟ କୁ ଆୟୁଧ୍ୟ କରିଥିଲେ । ତେଣୁ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ସୁସ୍ଥ ସାହିତ୍ୟର ଆବଶ୍ୟକତା ଯେତିକି , ସୁସ୍ଥ ସାହିତ୍ୟ ଗଠନ କରିବାକୁ ହେଲେ ସୁସ୍ଥ ସମାଜ ର ଆବଶ୍ୟକତା ସେତିକି । ବଳିଷ୍ଠ ସମାଜ ଓ ବଳିଷ୍ଠ ସାହିତ୍ୟ ଗଠନ ଦିଗରେ ଲେଖକ ଏବଂ ବିଶେଷତଃ ପ୍ରକାଶକ ମାନଙ୍କର ବହୁ କର୍ତ୍ୟବ୍ୟ ରହିଅଛି । ଆଧୁନିକ ଓଡ଼ିଆ ସମାଜ କୁ ସୁସ୍ଥ ଓ ବଳିଷ୍ଠ କରିବା ପାଇଁ ସେ ଆଜି କାଲି ଦୈନିକ ଖବର କାଗଜର ସମ୍ପାଦିକା ଭାବରେ କିଛିଦିନ କାର୍ଯ୍ୟ କରିଥିଲେ । ସେ ଶିଶୁ ସାହିତ୍ୟ , ତରୁଣ ସାହିତ୍ୟ ଓ ପୌଢ଼ ସାହିତ୍ୟ କୁ ମାର୍ଜିତ ରୂଚିରେ ଲେଖିବା ସଙ୍ଗେ ସଙ୍ଗେ ଓଡ଼ିଶାର କବି ଓ ଲେଖକ ମାନଙ୍କ ର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରୁଥିଲେ । ମା ବିଜୟଲକ୍ଷ୍ମୀ ଙ୍କ ସ୍ୱର୍ଶରେ ମାଟି ହୁଏ ସୁନା , ପଥର ହୁଏ ହୀରା ସେ ସୀତା,ସାବିତ୍ରୀ ,ଦମୟନ୍ତୀ ଓ ମୀରାବାଇ ଙ୍କ ଆଦର୍ଶ କୁ ପାଥେୟ କରି ଛାତ୍ର ଓ ଛାତ୍ରୀ ମାନଙ୍କୁ ସୁନ୍ର ମଣିଷ ଟିଏ ହେବାକୁ ପ୍ରେରଣା ଦେଇଥିଲେ । ସେ ସ୍ୱାମୀ କୁ ହରାଇବା ପରେ ଜୀବନ ଭିତରେ କର୍ମର ସତାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ । ସେଥିପାଇଁ ସେ ଦୁଃସ୍ଥ ଓ ପୀଡ଼ିତ ମାନଙ୍କର ସେବା କରିବାକୁ ଆଗଭର ହେଉଥିଲେ । ଏହି ଭଳି ଏକ ସମାଜ ସେବୀକା ଓ ଲେଖିକାଙ୍କ କର୍ମମୟ ଜୀବନର ଅବସାନ ଘଟିଲା । ସେହିଦିନ ଥିଲା ୨୦୨୦ ମସିହା ଅଗଷ୍ଟ ୨୮ ତାରିଖ , ତାଙ୍କର ବିରଳ ବ୍ୟାକ୍ତିତ୍ୱ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ ,ସୁବାସ ମହକିତ କରୁଥିବ ଏ ଅଚଂଳ ର ମାଟିକୁ , ତାଙ୍କର ଅଭାବ ଏ ଅଚଂଳବାସୀଙ୍କ ମନୋରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଚିରଦିନ ରହିଥିବ । ଜୀବନର ପର ପାରିକୁ ଯାଇଥିଲେ ମଧ୍ୟ ତାଙ୍କର ଆର୍ଶିବାଦ ଆମ ସମସ୍ତଙ୍କ ଉପରେ ନିଗାଡ଼ି ହୋଇପଡ୍ଡୁ।

ପାରାଦ୍ୱୀପ ଗଡ଼ , କୁଜଙ୍ଗ
ଜଗତସିଂହପୁର,
ମୋ-୯୯୩୭୬୯୧୪୭୫

ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଗଣତନ୍ତ୍ରକୁ ହତ୍ୟା କରୁଛି କଏ ?

ଭାରତବର୍ଷ ଏକ ସାର୍ବଭୌମ୍ୟ ଗଣତନ୍ତ୍ର ରାଷ୍ଟ୍ର ଭାବେ ପରିଗଣିତ । ଆମର ସମ୍ବିଧାନ ଭାରି ସୁଦୃଢ଼ । ବିଶ୍ୱର ଏକମାତ୍ର ଦେଶ ଯେ କି ସବୁ ଧର୍ମକୁ ସମାନ ସମ୍ମାନ ଦେଇ ଆସିଛି । ଏଣୁ ଆମ ଦେଶର ଧର୍ମ ନିରପେକ୍ଷତା ନୀତିକୁ ବିଶ୍ୱର ବଡ ବଡ ଧନିକ ରାଷ୍ଟ୍ରମାନେ ମଧ୍ୟ ପ୍ରଶଂସା କରନ୍ତି । ଆମ ଦେଶରେ ପ୍ରତିଟି ମୁହୂର୍ତରେ ଶୁଣିବାକୁ ମିଳେ ଗଣତନ୍ତ୍ରର ହତ୍ୟା ହେଉଛି । ଏଠାରେ ସ୍ୱତଃ ପ୍ରଶ୍ନ ଆସେ ତେବେ ଗଣତନ୍ତ୍ରକୁ ହତ୍ୟା କରୁଛି କିଏ ?ଗଣତନ୍ତ୍ରର ପବିତ୍ର ଗ୍ରନ୍ଥ, ଯାହାକୁ ପ୍ରତ୍ୟେକ ନାଗରିକ ମାନି ଚଳୁଛନ୍ତି । ଆମ ଦେଶର ସମ୍ବିଧାନ ପ୍ରତି ପ୍ରତ୍ୟେକ ନାଗରିକର ସମ୍ମାନ ରହିଛି । ନିଜର ଧର୍ମକୁ ସାଖିରଖି ନିୟମ କରି ସମ୍ବିଧାନକୁ ମାନି ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସପଥ ନେଇ ଦେଶର ସେବାରେ ନିଜକୁ ନିୟୋଜିତ କରିଥାନ୍ତି । ଗଣତନ୍ତ୍ରର ହତ୍ୟା ହେଉଛି କହିବା ବେଳେ ଆମେ ବିଚାର କରିବା କୌଣସି ପ୍ରକାରେ ଗଣତନ୍ତ୍ରର ପବିତ୍ର ବିଚାରଧାରା ପ୍ରତି କୁଠାରଘାତ କରି ଅଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟ କରିବା । ତେବେ ସମ୍ବିଧାନକୁ ଅସମ୍ମାନ କଲା ଭଳି ଦେଶରେ ସତରେ କଣ ଏଭଳି କିଛି କାର୍ଯ୍ୟ ଚାଲୁଛି, ଯାହାକି ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି ? ଶାସକ ଦଳ ସେ ତାଙ୍କ ଢଙ୍ଗରେ ଲୋକଙ୍କୁ ବୁଝାଇ ଦେଉଛନ୍ତି ଯେ ଦେଶର ବିରୋଧୀମାନେ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି, ଦେଶର ପବିତ୍ର ଗୃହକୁ ସମ୍ପୂର୍ଣ୍ଣ ରୂପେ ଅଚଳ କରି ରଖିଲେ, ଫଳରେ ଦେଶର ନାହିଁ ନ ଥିବା ଆର୍ଥିକ କ୍ଷତି ହେଲା । ପାର୍ଲ୍ୟାମେଂଟର ଉଭୟ ଗୃହ ଏକ ମିନିଟ ଚାଲିଲେ ୨.୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସଂସଦର ଲୋକସଭା ଓ ରାଜ୍ୟସଭା ବିରୋଧୀମାନଙ୍କର ହଟ୍ଟଗୋଳ ଓ ହଙ୍ଗାମା ପାଇଁ ଚାଲି ପାରିଲା ନାହିଁ, ଫଳରେ ଦେଶ ୨୧୬ କୋଟି ଟଙ୍କାର ଆର୍ଥିକ କ୍ଷତି ସହିଲା । ଏହା ବାଦ ପରୋକ୍ଷ ଭାବରେ ଏହାର ପରିମାଣ ଆହୁରି ଅନେକ ହୋଇପାରେ । ଏ କଥା ସତ, ପବିତ୍ର ଗୃହରେ ଶାସନ ଖସଡା ତିଆରି ହେବାଠାରୁ ଆରମ୍ଭ କରି ଦେଶକୁ ସଠିକ ଭାବରେ କିଭଳି ଚଳାଯାଇ ପାରିବ, ସେ ବିଷୟ ଆଲୋଚନା ହୋଇଥାଏ । ଶାସକ ଦଳ ନିଜର ପକ୍ଷ ଉପସ୍ଥାପନ କରୁଥିଲା ବେଳେ ବିରୋଧୀ ଦଳ ତାହାର ବିରୋଧରେ ତର୍ଜମା କରି ତାଙ୍କ ପକ୍ଷ ରଖିଥାଏ, ଯାହାକି ଉଭୟ ମତକୁ ବିଶ୍ଳେଷଣ କରି ଏକ ଦୃଢ଼ ବିଚାର ହିଁ ଦୃଢିଭୁତ ହୋଇଥାଏ । କ୍ରମେ ଦେଶର ଶାସନ ବ୍ୟବସ୍ଥାରେ ଯେଉଁମାନେ ନିର୍ବାଚିତ ସଦସ୍ୟମାନେ ଆସୁଛନ୍ତି, ସେମାନଙ୍କର ନିଜସ୍ୱ ବିଚାରଧାରାକୁ ଦଳ ଓ ଶାସନ ବ୍ୟବସ୍ଥା ଉପରେ ଲଦି ଦେଉଛନ୍ତି, ସଂସଦର ସଦସ୍ୟମାନଙ୍କର ମତକୁ ନିଆଯାଉନାହିଁ ବା ସଂସଦ ଭିତରେ ଆଲୋଚନା ପରିସରକୁ ନ ଆଣି ସିଧା ସାଧାରଣ ଜନତାଙ୍କ ଉପରେ ଲଦି ଦିଆଯାଉଛି । ଫଳରେ ସଂସଦ ଓ ସଂସଦ ବାହାରେ ଏହାର ବିରୋଧ ହେଉଛି ଓ ହେବା ମଧ୍ୟ ଉଚିତ । କିନ୍ତୁ ଗୋଟିଏ ଆଇନକୁ ପାରିତ କରିବା ପୂର୍ବରୁ ସଂସଦରେ ଉପସ୍ଥାପନ କରିବାର ଯେଉଁ ପରମ୍ପରା ରହିଛି, ତା ପ୍ରତି ମଧ୍ୟ କୋଠାରଘାତ ହେଉଥିବା ବେଳେ ବେଳେ ପ୍ରତିୟମାନ ହେଉଛି । ସଂସଦରେ ପ୍ରସ୍ତାବିତ ବିଲକୁ ଉପସ୍ଥାପନ କରି ଆଲୋଚନା କରି ପାରିତ କରିବା ପୂର୍ବରୁ ସାଧାରଣ ଜନତାର ମତକୁ ମଧ୍ୟ ସମ୍ମାନ ଦେବାର ଆବଶ୍ୟକତା ରହିଛି । ଏବେ ସାଧାରଣ ଜନତାଙ୍କ ମତ ପାଇବା ପାଇଁ ଆଉ କସରତ କରିବାକୁ ପଡୁନାହିଁ । କିନ୍ତୁ ଆଗରୁ ସାଧାରଣ ଜନତାଙ୍କ ମତକୁ ପାଇବା ପାଇଁ ସରକାର ବିଭିନ୍ନ ଖବରକାଗଜର ସହଯୋଗ ନେବାକୁ ପଡୁଥିଲା । ଖବରକାଗଜରେ ବିଜ୍ଞାପନ ଜରିଆରେ ମତ ସଂଗ୍ରହର ବ୍ୟବସ୍ଥା ଥିଲା, ଏହା ବାଦ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହାୟତାରେ ମତ ସଂଗ୍ରହ ହେଉଥିଲା । କିନ୍ତୁ ସମୟ ବଦଳି ଯାଇଛି, ମୁଖିଆଙ୍କ ମନକୁ ଯାହା ଭଲ ଲାଗୁଛି, ତାକୁ ଯେନ ତେନ ପ୍ରକାରେ ଲୋକଙ୍କ ଉପରକୁ ସିଧା ଛାଡି ଦିଆଯାଉଛି, କୌଣସି ପ୍ରକାରେ ଦଳର ବା ସାଂସଦମାନଙ୍କର ମତକୁ ନେବାକୁ ଧର୍ଯ୍ୟ ରହୁନାହିଁ । ଏଭଳି କ୍ଷେତ୍ରରେ ବିରୋଧୀମାନେ ବିରୋଧ କରିବା ସ୍ୱାଭାବିକ । ନିକଟରେ ସଂସଦର ଉଭୟ ଗୃହକୁ ବିରୋଧୀମାନଙ୍କ ହଙ୍ଗାମାରେ କୌଣସି କାର୍ଯ୍ୟ ହୋଇ ନ ପାରିବା ହେତୁ ଅଧିବେଶନଟି ତ ଧୋଇ ହୋଇଗଲା, କିନ୍ତୁ ଦେଶର ବିପୁଳ ଅର୍ଥ ବରବାଦ



ଗୋପାଳ ଚନ୍ଦ୍ର ନାଥ

ହୋଇଥିବା ବେଳେ ଫଳ ଶୁନ୍ୟ ହେବା ଗଣତନ୍ତ୍ର ପ୍ରତି ଏକ ନକରାତ୍ମକ ଭାବ ପ୍ରାକାଶ ପାଉଛି । ଏଠାରେ କୁହାଯାଇପାରେ ବିରୋଧୀମାନେ ଯିଦ୍ ଧରି ବସିଲେ ଯେ ମୌସୁମୀ ଅଧିବେଶନରେ ପେଗାସସ୍, କୃଷି ଆଇନ, ଦରବୃଦ୍ଧି ଆଦି ପ୍ରସଙ୍ଗରେ ଆଲୋଚନା ହେଉ । ଦେଶର ହିତ ଦୃଷ୍ଟିରୁ ଏସବୁ ପ୍ରତି ବି ଆଲୋଚନା ହେବା ଆବଶ୍ୟକା ଦେଶର କୃଷକମାନେ ତିନି କୃଷି ଆଇନ ପ୍ରତ୍ୟାହାର ଦାବିରେ ଦୀର୍ଘ ସାତ ମାସରୁ ଉର୍ଦ୍ଧ ହେବ ରାଜରାସ୍ତାରେ ଆନ୍ଦୋଳନରେ ବସିଛନ୍ତି । ତାହାର ସମାଧାନ ହେବା ଉଚିତ, ସେ ନେଇ ଯଦି ବିରୋଧୀମାନେ ଆଲୋଚନା ପାଇଁ ଅଡି ଧରି ବସିଲେ, ତେବେ ଭୁଲ ରହିଲା କେଉଁଠି ? ଚାଷୀମାନଙ୍କୁ ଦେଶଦ୍ରୋହୀ ଓ ଖଲିସ୍ଥାନୀ କହି ସେମାନଙ୍କ ପ୍ରତି କଠୋର ମନୋଭାବ ପୋଷଣ କରିବା ଉଚିତ ନୁହେଁ । ପେଗାସସ୍ ନେଇ ଦେଶରେ ଓ ଦେଶ ବାହାରେ ତୁମ୍ଭି ତୋଫାନ ହେଉଛି । ଦେଶର କିଛି ନେତା, ସାମ୍ବାଦିକ, ବ୍ୟବସ୍ଥାପକଙ୍କ ଶୟନକକ୍ଷର କଥାକୁ ଜାଣିବାର ଅଧିକାର କେହି କାହାକୁ ଦେଇ ନାହାଁନ୍ତି । ତେବେ କିଭଳି କାହା ସ୍ୱାର୍ଥରେ ପେଗାସସ୍ ଆପ ଭଳି ଏକ ବିଦେଶୀ ସଂସ୍ଥାକୁ କିଏ ଆମ ଦେଶକୁ ଆଣିଲା ଏବଂ ତା ଆଣିବା ପଛରେ କାହାର ହାତ ରହିଛି ? କିଏ ତାକୁ କିଣିଛି ? କେନ୍ଦ୍ର ସରକାରର ଗୃହ ବିଭାଗ ହାତରେ ତାର ସମସ୍ତ ଖବର ରହିଥିବା ବେଳେ କେନ୍ଦ୍ର ସରକାର ସେଥିରୁ ନିଜକୁ ଦୂରେଇ ରଖିବା ପାଇଁ ପ୍ରଚେଷ୍ଟା କରିବା, ସନ୍ଦେହକୁ ଦ୍ୱିଗୁଣିତ କରୁଛି । ଏଣୁ ବିରୋଧୀମାନଙ୍କର ବିରୋଧ କରିବା ନେଇ ସଂପୃକ୍ତି ହେବା ନିଶ୍ଚିତ । ବିରୋଧୀମାନେ ସରକାରଙ୍କୁ ପେଗାସସ୍ ଉପରେ ଆଲୋଚନା ପାଇଁ ଦାବି କଲେ, ସରକାର ଆଲୋଚନା କରିବାରେ ଅସୁବିଧା କଣ ବା ରହିଲା । ସଂସଦରେ ଏ ବିଷୟ ନେଇ ଆଲୋଚନା କରିବାକୁ ସମୟ ଦେଇ ଅନ୍ୟ ପ୍ରସଙ୍ଗକୁ ଯାଇଥିଲେ କଣ ବା ଅସୁବି ହୋଇ ଯାଉଥିଲା । ଏଣୁ ସଂସଦ ପବିତ୍ର ଗୃହରେ ଆଲୋଚନା ପାଇଁ ସୁଯୋଗ ନ ଦେବା ଗଣତନ୍ତ୍ରର କଣ୍ଠରୋଧ ବୋଲି ବିରୋଧୀ କହିବା ପାଠକେ ବିଚାର କରିବେ । ସେହି ବିଷୟକୁ ଛାଡି ଆଲୋଚନାକୁ ନ ଆସିବାକୁ ବିରୋଧୀମାନଙ୍କର ଯିଦକୁ ଉଭୟ ଗୃହର ଅଧ୍ୟକ୍ଷଙ୍କ ପ୍ରଚେଷ୍ଟାକୁ ପ୍ରତ୍ୟାଖ୍ୟାନ କରି ବିରୋଧୀମାନେ ଗଣତନ୍ତ୍ରର ପରମ୍ପରାକୁ ଭାଙ୍ଗି ଗଣତନ୍ତ୍ରର ହତ୍ୟା କଲେ ବୋଲି ଶାସକ ଦଳର ମତ । ଏହାବାଦ ଦେଶରେ ଅତ୍ୟାବଶକୀୟ ସାମଗ୍ରୀ ସାଙ୍ଗକୁ ତୈଳଦର ବୃଦ୍ଧି ସାଧାରଣ ଜନତାଙ୍କ ପାଇଁ ବେଡି ଉପରେ କୋରଡା ସଦୃଶ ହୋଇଛି । କରୋନାର ଭୟାବହତା ସାଧାରଣ ଜନତାର ବେଉଷା ବୁଡେଇ ଦେଇଥିବା ବେଳେ ନିଜର ଦୁଇ ବେଳା ଦୁଇ ମୁଠା ଖାଦ୍ୟ ସଂଗ୍ରହ କରିବାକୁ ବହୁ କଷ୍ଟ ହେଉଥିବା ବେଳେ ଦରବୃଦ୍ଧି ନିଶ୍ଚିତ ପକ୍ଷେ ହୃଦୟବିଦାରକ । ସାଂସଦମାନେ ଦରବୃଦ୍ଧି ନେଇ ବିରୋଧ କରିବା ଏକ ସୁସ୍ଥ ପରମ୍ପରା ବୋଲି କୁହାଯାଇ ପାରେ । ତାର ଆଲୋଚନା ସଂସଦ ଭିତରେ ହେବା ଉଚିତ ଓ ସେ ବିଷୟ ଦାବି କରିବା ଓ ଶାସକ ଦଳ ତାର ବିରୋଧ କରି ଗୃହ ନ ଚଳାଇବା ପାଇଁ ସହାୟକ ହେବା କେତେଦୂର ଗ୍ରହଣୀୟ । ଏ କଥା ଏଠାରେ କୁହାଯାଇ ପାରେ ଯେ ବିରୋଧୀ ଦଳ ଯେଉଁ ଢଙ୍ଗରେ ବିରୋଧ କରିବା କଥା ସେଭଳି ନ କରି ଯେଭଳି ଆଚରଣ ସେଠାରେ ପ୍ରଦର୍ଶନ କଲେ ତାହା ଉଚିତ ହୋଇନାହିଁ । କାଗଜଚିରା, ମାଇକ ଭାଙ୍ଗିବା, ଟେବୁଲ ଉପରେ ଛିଡା ହୋଇ ବାଚସ୍ପତିଙ୍କ ପୋଡିୟମରୁ କାଗଜ ଟାଣିବା ସଂସଦ ଭିତରେ ପ୍ରଥମ ଘଟଣା ନୁହେଁ । ବହୁବାର ଏଭଳି ଆଚରଣ ବିରୋଧୀମାନେ ପ୍ରଦର୍ଶନ କରିଥିବା ସଂସଦ ଇତିହାସରେ ରହିଛି । ସଂସଦ ଭିତରେ ସାଂସଦମାନଙ୍କର ହାତାହାତି ପର୍ଯ୍ୟନ୍ତ ଘଟଣାର ନଜିର ରହିଛି । ରାଜ୍ୟସଭାରେ ସାଂସଦମାନଙ୍କୁ ହଟାଇବା ପାଇଁ ପଚାଶ,ଷାଠିଏ ଭଡାଟିଆ ମାର୍ଶଲ ଅଣାଯାଇଥିବା ବିରୋଧୀ ସାଂସଦମାନେ ଦାବି କରୁଛନ୍ତି ଓ ସେମାନେ ସାଂସଦମାନଙ୍କୁ ଧକ୍କାମାରିଥିବା ଅଭିଯୋଗ ହେଉଛି । ସେହିଭଳି ଶାସକ ଦଳ ପ୍ରକାଶ କରୁଛି ଯେ ବିରୋଧୀ ସାଂସଦମାନେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ସଂସଦର ଗାରିମାକୁ ନଷ୍ଟ କରିଛନ୍ତି । ଏ ପରିପ୍ରେକ୍ଷୀରେ ସବୁଠାରୁ ହୃଦୟବିଦାରକ ଦୃଶ୍ୟ ଯେ ଉପରାଷ୍ଟ୍ରପତି ଯେ କି ରାଜ୍ୟସଭାରେ ଅଧ୍ୟକ୍ଷତା କରୁଥିଲେ, ସେ କାନ୍ଦି ପକାଇଲେ । ଉପରାଷ୍ଟ୍ରପତି ଜଣେ ପୁରୁଖା ନେତା, ବହୁବାର ସାଂସଦର ବିପକ୍ଷ ଓ ସପକ୍ଷବାଦୀ ସାଂସଦ ଭାବରେ କାର୍ଯ୍ୟ କରି ଆସିଛନ୍ତି । ସେ ଏଭଳି ସାଂସଦମାନଙ୍କର ଆଚରଣ ଆଗରୁ କେବେ ଦେଖି ନ ଥିଲେ ନା ଏ ଅଧିବେଶନରେ ପ୍ରଥମେ ଦେଖିଲେ, ସେ କଥା ବୋଧହୁଏ କହି ହେବନାହିଁ କିନ୍ତୁ ତାଙ୍କ ଗୋଚରରେ ଥିବ ଯେ ଏଭଳି ଆଚରଣ ଏବେ ସାଂସଦମାନଙ୍କର ନିତିଦିନିଆ ହୋଇଗଲାଣି । ଗୃହର ଗାରିମାକୁ ନଷ୍ଟ କରିବାକୁ ଯିଏ ଯେତେବେଳେ ଚାହୁଁଛି, କରିଚାଲୁଛି । କ୍ରମେ ସମ୍ବିଧାନକୁ ସାଂସଦମାନେ ଆଡୁଆଳରେ ରଖି ନିଜ ମୁତାବକ ଚଲାଇବାକୁ ଚେଷ୍ଟା କରୁଛନ୍ତି । ଫଳରେ ଏଭଳି ଦୃଶ୍ୟମାନ ଦେଖିବାକୁ ମିଳୁଛି । ସେଯାହା ହେଉନା କାହିଁକି ଦେଶର ଗଣତାନ୍ତ୍ରର ହତ୍ୟା କିଏ କରୁଛି ଓ ତାର ପ୍ରତିକାର କଣ ସେ ନେଇ ବିତର୍କର ଆବଶ୍ୟକ, ହେଲେ ସେ ବିତର୍କ ହେବ କେଉଁଠି ? ଶାସକ ବା ବିରୋଧୀ ଯେ ବି ଦୋଷୀ ହୁଅନ୍ତୁ, ଦୋଷ ମାନିବା ପରିସ୍ଥିତିରେ ଆଉ ଏବେ କେହି ନାହାଁନ୍ତି । ବିତର୍କ କରିବ କିଏ ?

ସାମ୍ବାଦିକ, ଅନୁଗୋଳ
ମୋ-୯୪୩୭୨୯୦୬୬୨

# ମହାପୁରୁଷ ଅଚ୍ୟୁତାନନ୍ଦ: 'କରଣ ଅଚ୍ୟୁତ ମୁହିଁ ନେମାଳରେ ଘର...'

-------- ସନ୍ତୋଷ କୁମାର ସାମଲ --------

ମହାପୁରୁଷ ଅଚ୍ୟୁତାନନ୍ଦ ଓଡ଼ିଆ ଆଧାତ୍ମିକ ଜଗତରେ ଜଣେ ଦିଗ୍‌ଦର୍ଶକ ଓ ସାଧୁଭାବେ ପରିଚିତ। ସ୍ୱୟଂ ମହାପୁରୁଷ ଅଚ୍ୟୁତାନନ୍ଦ ଭକ୍ତି ସଙ୍ଗୀତରେ ନିଜ ଜନ୍ମ ପରିଚୟ ଦେବାକୁ ଯାଇ ଲେଖିଛନ୍ତି – ***'ସୁହାଗଂବିଷେ ନେମାଳ ଗ୍ରାମ, ତିଳକଣା ତାର ଉତ୍ତରେ ଜାଣ। ସେଠାରେ ମୁହିଁ ଜନମ ଲଭିଲି, ନେମାଳ ଗ୍ରାମରେ ଆଶ୍ରମ କଲି। ସୁହାଗଂବିଷେ ନେମାଳ ଗ୍ରାମ, ଅଚ୍ୟୁତଦାସର ବଟ ଆଶ୍ରମ।'*** ସେହିପରି କଳକଳ୍ପ ଗୀତାର ଏକାଦଶ ସ୍କନ୍ଦରେ ଲେଖିଛନ୍ତି– ***'କରଣ ଅଚ୍ୟୁତି ମୁହିଁ ନେମାଳରେ ଘର, ପ୍ରଭୁ ଅନୁସରି ଥାଏ ବଟର ମୂଳର'।*** ଏହି ମହାପୁରୁଷ ସୁହାଗଂବିଷ ନେମାଳ ଗ୍ରାମ ସନ୍ନିକଟ ତିଳକଣାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଦୀନବନ୍ଧୁ ମହାନ୍ତି ଓ ତାଙ୍କ ମାତା ଥିଲେ ଉତ୍କଳ ରଣପୁରର ରାଜକନ୍ୟା ପଦ୍ମାବତୀ। ମାଘ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାଦିନରୁ ତାଙ୍କ ଡାକନାମ ଅନେକ ଥିଲା। କିନ୍ତୁ ତାଙ୍କର ମାତା ତାଙ୍କୁ ଶ୍ରଦ୍ଧାରେ ଅଚ୍ୟୁତ ନାମରେ ଡାକୁଥିଲେ। ସେହିପରି 'ଦଶପଟଳରେ ଲିଖିତ ହୋଇଛି ଯେ ଚୈତନ୍ୟ ଦୀକ୍ଷା ନେଲାପରେ ତାଙ୍କ ନାମ ରହିଥିଲା ଅଚ୍ୟୁତ'। ଅଚ୍ୟୁତ ଭାବରେ ଆନନ୍ଦ ହେତୁ ତାଙ୍କ ନାମ ହେଉଛି ଅଚ୍ୟୁତାନନ୍ଦ। କଳିକଳ୍ପ ଗୀତାରେ ସେ ଉଲ୍ଲେଖ କରିଛନ୍ତି – ***'ପ୍ରଭୁଙ୍କ ମାୟା ଭିଆଣ କଳିଂକି ପ୍ରକାଶ, ନିରାକାର ସାରସ୍ୱତ ମନ୍ତ୍ର ପରକାଶ, ଏକାକ୍ଷର ଅଣାକ୍ଷଣ ପ୍ରଚ୍ଛନ୍ନରେ ଭାଷ।'*** ମହାପୁରୁଷ ଅଚ୍ୟୁତଙ୍କ ରଚିତ ଗ୍ରନ୍ଥ ସଂଖ୍ୟା ଏକଲକ୍ଷ ବୋଲି ବିଭିନ୍ନ ଗ୍ରନ୍ଥରୁ ଜଣାପାଏ। ***'ଅଣାକାର ସଙ୍ଗୀତାରେ ଉଲ୍ଲେଖ ରହିଛି ଛତିଶ ସଂହିତା ଅଠସ୍ତରୀ ଗୀତା ବଂଶାନୁ ସପ୍ତବିଂଶରେ, ଉପବଂଶାନୁ ଦ୍ୱାଦଶଖଣ୍ଡ ଘେନି ଭବିଷ୍ୟ ଶତଖଣ୍ଡରେ। ପଦ ପଦ୍ୟାବଳୀ ଲକ୍ଷେକ ଯେ ଗ୍ରନ୍ଥ ସବୁ ଶ୍ରୀକୃଷ୍ଣ ମହିମା, ତୋ ଆଗେ କହିଲୁ ବରଜ କୁମାର ବ୍ରହ୍ମ ସାରସ୍ୱତ ସୀମା।'*** ନେମାଳ ବଟ ଠାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସମାଧି ରହିଛି ଏହାର ଉତ୍ତରକୁ ଏକମାଇଲ ଦୂରରେ ତାଙ୍କ ଜନ୍ମ ସ୍ଥାନ ତିଳକଣା। ନେମାଳ, କେନ୍ଦ୍ରାପଡ଼ା, ପୁରୀ, ଅସୁରେଶ୍ୱର, ରଷିକୂଲ୍ୟା, ସୋନପୁର, ଆଳି, ରଣପୁର, ପୁରୀ ପ୍ରଭୃତି ସ୍ଥାନରେ ତାଙ୍କର ମଠ ରହିଛି। ନେମାଳରେ ତାଙ୍କ ଶିଷ୍ୟ ସମ୍ପ୍ରଦାୟଙ୍କ ଦ୍ୱାରା ସ୍ମୃତି ସୁରକ୍ଷିତ ରହିବା ସହ ନିତ୍ୟ ପୂଜା ବିଧି ପ୍ରଚଳିତ। ଅଚ୍ୟୁତାନନ୍ଦଙ୍କ ରଚିତ ଗ୍ରନ୍ଥ ସମ୍ପ୍ରତି ସଂସ୍କୃତ ଓ ଓଡ଼ିଆ ଭାଷାରେ ବଜାରରେ ବିକ୍ରି ହେଉଛି ଯେଉଁଥିରେ ଯନ୍ତ୍ର, ମନ୍ତ୍ର, ତନ୍ତ୍ର, ସ୍ୱରଶାସ୍ତ୍ର, ଯୋଗଶାସ୍ତ୍ର, ଜ୍ୟୋତିଷ, ସାମୁଦ୍ରିକ, ପ୍ରଶ୍ନଶାସ୍ତ୍ର, ପୁରାଣ ସଂହିତା, ଭଜନ, ଚୌପଦୀ, ଢ଼ଗ, ଢ଼ମାଳି, ବାଖର, ଡିବିଡିବି, ଲଗାଣ, ରହସ୍ୟ, ମନ୍ତ୍ରବିଦ୍ୟା, କଳ୍ପଗ୍ରନ୍ଥ, ପୁରାଣ, ଉପପୁରାଣ, ଯୋଗ-ଦର୍ଶନ, ଯନ୍ତ୍ରଶାସ୍ତ୍ର, ତନ୍ତ୍ରଶାସ୍ତ୍ର, ପ୍ରୟୋଗମାଳା, ପଟଳଗ୍ରନ୍ଥ ଇତ୍ୟାଦି ଶାସ୍ତ୍ରମାନ କେବଳ ଅଚ୍ୟୁତାନନ୍ଦ ମହାପୁରୁଷକୃତ ରହିଛି। ଏହା ବ୍ୟତୀତ ସାତଖଣ୍ଡ ହରିବଂଶ, ସାତଖଣ୍ଡ ରାମାୟଣ, ଭଗବତ ଗୀତାର ଅନୁବାଦ ସହ ବ୍ୟାସ ସଂହିତା ଓ ବାଲ୍ମୀକି ସଂହିତା ଗ୍ରନ୍ଥ ରଚିତ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ଶାରଳାଙ୍କ ସେ କୃପା ପାଇଛନ୍ତି ବୋଲି ସେ ଦର୍ଶାଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରି ମାଳିକାରେ ସେ ଲେଖିଛନ୍ତି– ***'ଭାଇବନ୍ଧୁ ମୋର କେହି ନାହାନ୍ତି, ମୂରୁଖ ଲୋକେ କେତେ କହୁଥାନ୍ତି। ଅନେକ ବାଞ୍ଛିଲେ ଶିଶୁକାଳରେ, ବେଳକାଳ ଗଲା ନୀଳାଚଳରେ। ଦାରାସୁତ ମୋର ସଭିଏଁ ତାର, କେହି ନୁହନ୍ତି ଟି ମୋର ସୋଦର। କେବଳ ମୂରୁଖ ଅଜ୍ଞାନେ ଅଛି, ସାଧୁଚରଣକୁ ଆଶ୍ରେ କରିଛି'।*** ମହାସାଧକ ଅଚ୍ୟୁତାନନ୍ଦଙ୍କ ସାଧନା ଅତ୍ୟନ୍ତ ଦୁରୂହ ଥିଲା। ସେ ଅଷ୍ଟାଦଶ ଚକ୍ରଭେଦ କରି ନିତ୍ୟ କୃଷ୍ଣ, ଅନିତ୍ୟ କୃଷ୍ଣ ଓ ମହାନିତ୍ୟ କୃଷ୍ଣତତ୍ତ୍ୱ ଉପଲବ୍ଧି କରିଥିଲେ। ଅଚ୍ୟୁତାନନ୍ଦ ମାଳିକାର 'ଶୂନ୍ୟତତ୍ତ୍ୱ'ରେ ସେ ଶୂନ୍ୟତାର ବିଭିନ୍ନ ପ୍ରସଙ୍ଗକୁ ଉଲ୍ଲେଖ କରି ଗ୍ରନ୍ଥରେ ଲେଖିଛନ୍ତି– ***'ଶୂନ୍ୟ ଶୂନ୍ୟ ଶୂନ୍ୟ ଶୂନ୍ୟ ଶୂନ୍ୟ ଲେଖିବି, ମହାଶୂନ୍ୟ ପରେ ତାକୁ ବସାଇ ଦେବ। ଆକାଶ କଲମ କରି ପାତାଳ ପତର ଧରି, ଅଣାକାର ଯନ୍ତ୍ର ତହିଁ ତଳେ ଲେଖିବ।'*** ଜଗନ୍ନାଥ ତତ୍ତ୍ୱବନ୍ଧ ନିମିତ୍ତ ସେ ଅଷ୍ଟାଙ୍ଗ ଯୋଗ ସାଧନା କରିବା ପରେ ଭକ୍ତିର ଅଷ୍ଟାଙ୍ଗ ଯୋଗସାଧନ କରିଥିଲେ। ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚେତନା, ଭାବନା, କ୍ଷେତ୍ର ଓ ଚରିତ୍ର ସହ ଜଗନ୍ନାଥ ଧର୍ମର ଆଜୀବନ ପ୍ରଚାରକ ଥିଲେ। ମହାପୁରୁଷ ଅଚ୍ୟୁତାନନ୍ଦ ମୃତ ମନୁଷ୍ୟକୁ ଜଳସେଚନ କରି ପୁନର୍ଜୀବନ ପ୍ରଦାନ କରିବା ମୃତସଂଜୀବନୀ ବିଦ୍ୟା ସାଧନ କରିଥିଲେ ବୋଲି ନିଜର ପ୍ରିୟ ଶିଷ୍ୟ ରାମଦାସକୁ କହିଛନ୍ତି– ***'ଶୁଣ ସୁମନେ ହୋ ବରଜସୁତ, ମନ୍ତ୍ରମାନଙ୍କର ନାହିଁ ଯେ ଅନ୍ତ। ମୃତସଞ୍ଜୀବନୀ ମନ୍ତ୍ରର ନାମ, ଯାହା***



***ଶୁଣିଲେ ହୋ ସୁଫଳ ଜନ୍ମ।'*** 'ଗୀତା-ଭବିଷ୍ୟାନ୍ତ' ମାଳିକାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି, ପବିତ୍ର ନୀଳାଚଳ ଧାମକୁ ଜଗନ୍ନାଥ ଦେବଙ୍କୁ ଦର୍ଶନ କରିବା ପାଇଁ ରାତ୍ର ଶେଷ ଭାଗରେ ଦେବତାମାନେ ଆସନ୍ତି। ଜଗନ୍ନାଥ ଦର୍ଶନ କରନ୍ତି ଓ ନିର୍ମାଲ୍ୟ ଭକ୍ଷଣ କରି କୃତାର୍ଥ କୃତାର୍ଥ କହନ୍ତି। ରୁଦ୍ର ଇନ୍ଦ୍ର ବିଦ୍ୟାଧର ପ୍ରମୁଖ ସମସ୍ତେ ମନୁଷ୍ୟ ଶରୀରରେ ଏଠାକୁ ଆସନ୍ତି ଆଳଟ, ଚାମର ଢ଼ାଳନ୍ତି ଏବଂ ଆରତି ଦର୍ଶନ ପରେ ବିଦାୟ ନିଅନ୍ତି।– ***'ଯେତେକ ଥିବେ ଦେବତାୟେ, ମୁଖ୍ୟ ଦିଶିବ ଅଗ୍ନି ପ୍ରାୟେ। ସ୍ୱର୍ଗ ଦେବତାଏ ସେ ଚିହ୍ନି, ପ୍ରକାଶ ନକରିବ ଜ୍ଞାନୀ।'*** ବର୍ତ୍ତମାନର ଭଣ୍ଡ ସାରଥୀ, ଭଣ୍ଡ ଅଭିରାମ, ହରିହରାନନ୍ଦ ବାବା ଓ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୋଥି ରଖିଥିବା କହୁଥିବା ଭଣ୍ଡ ସୁରଙ୍କ ପରି ଭଣ୍ଡମାନଙ୍କ ଭିତର ଚରିତ୍ର ଧରାପଡ଼ିଯିବା ସମୟରେ ମନେ ପଡ଼ିଯାଉଛି ସ୍ୱୟଂ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କର ମାଳିକାରେ ଏହି ସବୁକୁ ଭବିଷ୍ୟ ବାଣୀ କରି ଲେଖିଯାଇଛନ୍ତି– ***'ପର୍ବତ ପଡ଼ିବ ତଳେ କଚାଡ଼ି, କୋଠାବାଡ଼ିମାନ ପଡ଼ିବ ଗଳି। ନିଆଁରୁ ବଳିବ ଖରାର ତାତି, ନଈ ନାଳ ଶୁଖି ଫାଟିବ ମାଟି। ଜରାୟୁରୁ ଜାତ ଗାଈ ଜରସୀ, ଜାରଜ ସନ୍ତାନ ଖାଇବେ ବସି। ଦେବତା ବିପ୍ର ଗୁରୁ ନ ମାନିବେ, ନିଜ ବଡ଼ିମାମାନ ପ୍ରକାଶିବେ। ଏଣୁ ପୃଥିବୀ ହୋଇଯିବ ନାଶ, ଏଥି କି କରିବ ଅଚ୍ୟୁତ ଦାସ।'*** ନିଜର ଯୋଗ ସାଧନାରେ ଲୀନ ନହୋଇ ମାନବ ସମାଜର ବିଶୃଙ୍ଖଳାକୁ ଶୃଙ୍ଖଳିତ କରିବାକୁ ସେ ଆଜୀବନ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ନେମାଳ କ୍ଷେତ୍ର ଓଡ଼ିଶାର ଏକ ପୁଣ୍ୟ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସାଧନା ଓ ଆଧାତ୍ମିକ ସାହିତ୍ୟ ରଚନାରେ ତାଙ୍କ ଲିଖିତ ଏକ ଶ୍ଳୋକର ଓଡ଼ିଆ ପ୍ରବଚନ ପ୍ରତିଟି ଓଡ଼ିଆଙ୍କ ପାଇଁ ବିଖ୍ୟାତ୍ ଯାହା ହେଉଛି– ***'ହରଣ ଗୁଣନ ଫେଡାଣ ମିଶା, ଆଉ ସବୁ ପାଠ ଫସର ଫସା।'*** ହରଣ, ଗୁଣନ, ଫେଡାଣ ଓ ମିଶାଣ ଏହି ଚାରିଗୋଟି ସମ୍ମିଶ୍ରଣାତ୍ମକ ଜ୍ଞାନ ହିଁ ଶ୍ରେଷ୍ଠ ବିଦ୍ୟା। ଏହା ବ୍ୟତୀତ ଅନ୍ୟାନ୍ୟ ବିଦ୍ୟାସବୁ ନିଷ୍ଫଳା ମାତ୍ର। ତେବେ ହରଣ, ଗୁଣନ, ଫେଡ଼ାଣ, ମିଶାଣର ବିଶ୍ଳେଷଣ କରି ନିଜେ ଅଚ୍ୟୁତାନନ୍ଦ କହିଛନ୍ତି– ***'ଜ୍ୟୋତିକୁ ଶୂନ୍ୟରୁ କର ହରଣ, (ହରଣ), ଛ ଘରେ ଛ ଛନ୍ଦକର ଲଗାଣ, (ଗୁଣନ), ଚାରି ବର୍ଣ୍ଣର କୀଳାକୁ ଫେଡ଼ିବ, (ଫେଡ଼ାଣ), ଅଲେଖପୁରରେ ମିଶାଇଣ ଦେବ। (ମିଶାଣ)।'*** ମହାପୁରୁଷ ଅଚ୍ୟୁତାନନ୍ଦ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ମହାଯୋଗରେ ବସିଥିଲେ। ଏବଂ ତାଙ୍କ ଶିଷ୍ୟମାନଙ୍କୁ କହିଯାଇଥିବା ପୂର୍ଣ୍ଣିମା ଦିନ ଦିବସ ଶେଷ ଭାବରେ ତାଙ୍କ ଜୀବନ୍ତ ଶରୀରର ଆତ୍ମା ମହାପ୍ରଭୁଙ୍କଠାରେ ଲୀନ ହୋଇଯାଇଥିଲା। ତେବେ ସେ ମହାଯୋଗରେ ବସିବା ପରେ ତାଙ୍କ ଶିଷ୍ୟମାନେ ତାଙ୍କ ଉପରେ ଶୁଭ୍ର ପଟ୍ଟବସ୍ତ୍ର ଘୋଡ଼ାଇ ଦେଇଥିଲେ। ତେବେ ନିଜ ଗୁରୁଙ୍କ ସମାଧି କେଉଁଠାରେ ପ୍ରତିଷ୍ଠା ହେବ ସେ ନେଇ ତାଙ୍କ ଶିଷ୍ୟମାନଙ୍କ ଭିତରେ କନ୍ଦଳ ହୋଇ ପୂର୍ଣ୍ଣିମା ଦିନ ସେମାନେ ଯେତେବେଳେ ମହାପୁରୁଷଙ୍କ ଶୁଭ୍ର ପଟ୍ଟବସ୍ତ୍ର ବାହାର କରନ୍ତି ଦେଖିବାକୁ ପାଇଲେ ସେଠାରେ କେହି ନାହାଁନ୍ତି। ତେଣୁ ନେମାଳରେ ସର୍ବସମ୍ମତିକ୍ରମେ ଶୂନ୍ୟ ସମାଧି ପ୍ରତିଷ୍ଠା ହେଲା। ଏହି ବାକ୍‌ସିଦ୍ଧ ତ୍ରିକାଳଜ୍ଞ ନିଜ ଶୂନ୍ୟ ସମାଧି ସମ୍ପର୍କରେ ଲେଖିଯାଇଛନ୍ତି– ***'ନେମାଳ ବର୍ଗରେ ଶୂନ୍ୟ ସମାଧି ପାଇବି'।***

***-ଦ୍ୱୋନ୍ଦ୍ର, ସମିତଙ୍ଗା, ସାଲେପୁର, କଟକ, ଦୂରଭାଷ : ୯୪୩୮୨୪୬୫୨୮***




## ଶ୍ୟାମ ଷ୍ଟିଲ୍ ପକ୍ଷରୁ ଲଭଲିନା ବୋର୍ଗୋହେନ ଓ ମନପ୍ରୀତ ସିଂହଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତି

ଭୁବନେଶ୍ୱର: ଅନ୍ୟତମ ଅଗ୍ରଣୀ ଟିଏମ୍‌ଟି ବାର୍ ଉତ୍ପାଦନକାରୀ ଓ ନିର୍ମାତା ଶ୍ୟାମ ଷ୍ଟିଲ୍ ପକ୍ଷରୁ ଅଲିମ୍ପିକ୍ ମେଡାଲ୍ ବିଜେତା ଲଭଲିନା ବୋର୍ଗୋହେନ ଓ ମନପ୍ରୀତ ସିଂହଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି । "ମକସଦ ତୋ ଇଣ୍ଡିଆକୁ ବନାନା ହେ' ଅନୁଯାୟୀ କରାଯାଇଥିବା ଏହି ନିଯୁକ୍ତି ସାମଗ୍ରିକ କ୍ରୀଡ଼ା ସଂସ୍କୃତି ଓ ଭିତିଭୂମିର ବିକାଶ ପ୍ରତି ଶ୍ୟାମ ଷ୍ଟିଲ୍‌ର ରହିଥିବା ଦର୍ଶନକୁ ଗୁରୁତ୍ୱାରୋପ କରୁଛି ଯାହା କଂପାନିର ଥିବା ଭାରତ ଗଠନର ବୃହତର ଲକ୍ଷ୍ୟ ସହିତ ଖାପଖାଉଛି । ଏହି ସହଯୋଗିତାର ଅଂଶ ସ୍ୱରୂପ ଲଭଲୀନା ଓ ମନପ୍ରୀତ ଶ୍ୟାମ ଷ୍ଟିଲ୍‌ର ସର୍ବଭାରତୀୟ ପ୍ରିଂଟ୍ (ଛାପା) ଓ ଡିଜିଟାଲ୍ ଅଭିଯାନର ସାମିଲ ହେବେ ।ଏହି ସହଯୋଗିତା ସମ୍ପର୍କରେ ଶ୍ରୀଯୁକ୍ତ ଲଳିତ ବେରିୱାଲା, ନିର୍ଦ୍ଦେଶକ, ଶ୍ୟାମ ଷ୍ଟିଲ୍ କହିଛନ୍ତି ଯେ, "ଆମ ଶ୍ୟାମ ଷ୍ଟିଲ୍ ପରିବାରକୁ ଲଭଲିନା ଓ ମନପ୍ରୀତଙ୍କୁ ସ୍ୱାଗତ କରି ଆମେ ଗର୍ବିତ । ସେମାନଙ୍କ ଯାତ୍ରା ହେଉଛି ଦୃଢ଼ତା, ଶକ୍ତି ଏବଂ ସଂକଳ୍ପର ପ୍ରତିମା ଯାହା ଆମର ବ୍ରାଣ୍ଡ୍‌ର ମୂଳ ଦର୍ଶନ ସହ ବେଶ ଖାପଖାଉଛି । ଶ୍ୟାମ ଷ୍ଟିଲ୍‌ରେ ଆମେ ଆଶାବାଦୀ ଯେ ସେମାନଙ୍କ ବ୍ୟକ୍ତିତ୍ୱ ନିଶ୍ଚିତ ରୂପେ ଶ୍ୟାମ ଷ୍ଟିଲ୍ ବ୍ରାଣ୍ଡ୍ ଉପରେ ସକାରାତ୍ମକ ପ୍ରଭାବ ପକାଇ ବ୍ରାଣ୍ଡ୍ ଯେଉଁଥି ପାଇଁ ଠିଆ ହୋଇଛି ତାହାର ମୂଲ୍ୟବୋଧକୁ ଦୃଢ଼ କରିବ ।''ସହଯୋଗିତା ସମ୍ପର୍କରେ ଶ୍ରୀଯୁକ୍ତ ଲଳିତ ବେରିୱାଲ୍, ନିର୍ଦ୍ଦେଶକ, ଶ୍ୟାମ ଷ୍ଟିଲ୍ କହିଛନ୍ତି ଯେ, "। ଓ ବର୍ଗୋହାଇନ୍‌ଙ୍କୁ ଶ୍ୟାମ ଷ୍ଟିଲ୍‌ର ସର୍ବଭାରତୀୟ ପ୍ରିଂଟ୍ (ଛାପା) ଓଟୋକିଓ ଅଲିମ୍ପିକ୍ ୨୦୨୦ରେ ନିଜ ପ୍ରଦର୍ଶନ ଜରିଆରେ ଲଭଲିନା ଓ ମନପ୍ରୀତ ୧.୩ ବିଲିଅନ ଭାରତୀୟଙ୍କୁ ରୋମାଂଚିତ କରିଥିଲେ । ବକ୍ସିଂ ୱେଲଟରୱେଟ୍ ଡିଭିଜନ୍‌ରେ ଲଭ୍‌ଲିନା ବ୍ରୋଂଜ ମେଡାଲ୍ ହାସଲ କରି ଭାରତର ତୃତୀୟ ବକ୍ସର ଭାବେ ଅଲିମ୍ପିକ୍ ମେଡାଲ୍ ଜିତିଛନ୍ତି । ଟୋକିଓ ଅଲିମ୍ପିକ୍ ୨୦୨୦ରେ ମନପ୍ରୀତଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ହକି ଟିମ୍ ଐତିହାସିକ ବ୍ରୋଂଜ ମେଡାଲ୍ ହାସଲ କରିଛି । ତାଙ୍କର ଉଦାହରଣ ସୃଷ୍ଟିକାରୀ ନେତୃତ୍ୱ ଓ ପ୍ରଦର୍ଶନ ହେଉଛି ଅନ୍ୟତମ କାରଣ ଯେଉଁଥିପାଇଁ ଭାରତ ଦୀର୍ଘ ୪୦ ବର୍ଷ ପରେ ପୋଡିୟମ୍‌ରେ ପହଂଚିଛି ।ଶ୍ୟାମ ଷ୍ଟିଲ୍ ସହିତ ସହଯୋଗିତା ସମ୍ପର୍କରେ ଲଭଲିନା ବୋର୍ଗୋହେନ କହିଛନ୍ତି ଯେ, "ଶ୍ୟାମ ଷ୍ଟିଲ୍ ସହିତ ହାତ ମିଳାଇ ମୁଁ ବହୁତ ଖୁସି । ଏହି ସହଯୋଗିତା ହେଉଛି ଅନ୍ୟତମ ସ୍ୱତନ୍ତ୍ର ଏବଂ ମୁଁ ଏକ ଦୀର୍ଘ ଓ ସମ୍ପୂର୍ଣ୍ଣ ସହଯୋଗିତାକୁ ଚାହିଁରହିଛି ।''ଶ୍ୟାମ ଷ୍ଟିଲ୍ ସହ ସହଯୋଗିତା ସମ୍ପର୍କରେ ମନପ୍ରୀତ ସିଂହ କହିଛନ୍ତି ଯେ, "ଆପଣଙ୍କ ପରିବାରର ଅଂଶ ଭାବେ ମୋତେ ସାମିଲ କରିଥିବାରୁ ଶ୍ୟାମ ଷ୍ଟିଲ୍‌କୁ ଧନ୍ୟବାଦ ଜଣାଉଛି । ଏହି ସହଯୋଗିତା ଜରିଆରେ ଆମେ ବ୍ରାଣ୍ଡ୍ ମୂଲ୍ୟବୋଧକୁ ଦୃଢ କରିବାକୁ ଚାହିଁରହିଛୁ ଯେଉଁଥିପାଇଁ ତାହା ପରିଚିତ ।''କୋଭିଡ୍-୧୯ ମହାମାରୀ ଲାଗି ସୃଷ୍ଟି ହୋଇଥିବା ବିଭ୍ରାଟ ସତ୍ତ୍ୱେ କଂପାନି ଏବେ ଦ୍ରୁତ ସମ୍ପ୍ରସାରଣ ପ୍ରକ୍ରିୟାରେ ରହିଛି ।

## ସରକାରୀ ଜମିରେ ବେଆଇନ ଘର ନିର୍ମାଣ: ଉଚ୍ଛେଦ ପାଇଁ ଦାବୀ

କେନ୍ଦୁଝର: ସାହାରପଡା ତହସିଲ ଅନ୍ତର୍ଗତ ସିଲିପଦା ପଂଚାୟତ ଅନ୍ତର୍ଗତ ସିଲିପଦା ଗାଁ ରେ ସରକାରୀ ଜମିରେ ବେଆଇନଭାବେ ଘର ନର୍ମାଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଉକ୍ତ ଗ୍ରାମର ଦାମୋଦର ଗିରି ଉକ୍ତ ଜମିରେ ବାସଗୃହ ଓ ଦୋକାନ ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଉକ୍ତ ନିର୍ମାଣ ଯୋଗୁଁ ଲୋକଙ୍କ ଯାତାୟତ ପଥ ଅବରୋଧ ହୋଇଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖିନ୍ନ ହେଉଛନ୍ତି । ଏଣୁ ଉକ୍ତ ଘର ଉଚ୍ଛେଦ କରିବା ପାଇଁ ଗ୍ରାମାବାସୀମାନେ ଦାବୀ କରିଛନ୍ତି । ଏହାକୁ ନେଇ ସାହାରପଡା ତହସିଲଦାର ବାବାଜି ସିଂ ଙ୍କୁ ପଚାରିବାରୁ ଅଭିଯୋଗ ପରେ ମାପ ଚୁପ କରାଯାଇଛି । ଏହାର ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ ।

## ଡି.ଡି. କଲେଜ ପାଚେରୀ ଭଙ୍ଗାକୁ ନେଇ ବିବାଦ

କେନ୍ଦୁଝର: କେନ୍ଦୁଝରଗଡ ପୌରାଞ୍ଚଳରେ ଥିବା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପାଚେରୀ ଭଙ୍ଗାକୁ ନେଇ ବିବାଦ ମୁଣ୍ଡ ଟେକିଛି । ଜବରଦଖଲ ଉଚ୍ଛେଦ ନାମରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୂଚନା ନଦେଇ କଲେଜ ପାଚେରୀ ଭଙ୍ଗା ଯାଇଥିବାରୁ ପରିସର ଅସୁରକ୍ଷିତ ହୋଇପଡିଛି । କେନ୍ଦୁଝର ସହରରେ ବହୁ ମୂଲ୍ୟବାନ ଜମି ଜବରଦଖଲ କରି ବ୍ୟବସାୟୀକ କେନ୍ଦ୍ର ନିର୍ମାଣ ହୋଇଥିଲେ ହେଁ ଅଭିଯୋଗ ସତ୍ତ୍ୱେ ଉଚ୍ଛେଦ କରାଯାଉ ନାହିଁ । ଜବରଦଖଲ ଉଚ୍ଛେଦ ଆଳରେ ସାତସିଙ୍ଗା ମୌଜାରେ ଥିବା କଲେଜ ସୁରକ୍ଷା ପାଚେରୀକୁ ଭଙ୍ଗାଯିବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ସୂଚନାଯୋଗ୍ୟ ଯେ ୨୦୦୬ ମସିହାରେ ତତ୍କାଳୀନ ଅଧ୍ୟକ୍ଷ କଲେଜର ସୁରକ୍ଷାକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟର ଜମି ଚିହ୍ନଟ କରି ପାଚେରୀ ନିର୍ମାଣ କରାଇଥିଲେ । ପରବର୍ତ୍ତୀ ମସୟରେ ଲୋକଙ୍କ ଯାତାୟତ ସୁବିଧା ପାଇଁ ପୂର୍ବରୁ ନିର୍ମାଣ ହୋଇଥିବା ଘରକୁ ଯିବା ଆସିବା ପାଇଁ ସର୍ତ୍ତମୂଳକ ରାସ୍ତା ଛଡା ଯାଇଥିଲା । ସେମାନଙ୍କ ବ୍ୟତୀତ ଅନ୍ୟ କେହି ଉକ୍ତ ରାସ୍ତାକୁ ବ୍ୟବହାର କରିପାରିବେ ନାହିଁ ବୋଲି ଚୁକ୍ତିପତ୍ରରେ ଉଲ୍ଲେଖ ହୋଇଛି । ଏଭଳି ପରିସ୍ଥିତିରେ ଗତ ଅଗଷ୍ଟ ୧୮ ତାରିଖରେ ମାଜିଷ୍ଟ୍ରେଟ୍ ଓ ପୋଲିସ୍ ଉପସ୍ଥିତିରେ ଜଣେ ବ୍ୟକ୍ତିଙ୍କ ପାଚେରୀ ନିର୍ମାଣ ଆଳରେ ବିନା ତଦନ୍ତରେ ଡିଡି କଲେଜ ପାଚେରୀ ଭାଙ୍ଗି ଦିଆଯିବା ସମସ୍ତଙ୍କୁ ଚକିତ କରିଥିଲା । ଅନ୍ୟ ପକ୍ଷରେ ଏକତରଫା ଭାବେ ବେଆଇନ୍ ଭାବରେ ପାଚେରୀ ଭାଙ୍ଗିବା ଫଳରେ କଲେଜ ପରିସର ଅସୁରକ୍ଷିତ ହୋଇ ପଡିଛି । ଏଣୁ ଏହାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିବେ ବୋଲି ଅଧ୍ୟକ୍ଷ କହିଛନ୍ତି ।

## ନରଣପୁର ଉପ-ଡାକଘରେ କୋର ବ୍ୟାଙ୍କିଂ ସେବା ଉଦ୍‌ଘାଟିତ

ନରଣପୁର: ସଂପ୍ରତି ଏକବିଂଶ ଶତାବ୍ଦୀରେ ସମଗ୍ର ଦେଶରେ ଡିଜିଟାଲ ସେବା ଉପଲବ୍ଧ ହୋଇଛି । ଚା, ପରିବା ଦୋକାନ ଠାରୁ ଆରମ୍ଭ କରି ସବୁଆଡେ କ୍ୟାସଲେସ୍ ସେବା ପ୍ରାରମ୍ଭ ଉପଲବ୍ଧ । ସର୍ବ ପୁରାତନ ତଥା ସମଗ୍ର ଦେଶର ଦୁର୍ଗମ ଅଂଚଳରେ ଡାକ ସେବା ପ୍ରାୟତଃ ଉପଲବ୍ଧ । ଗ୍ରାହକ କେବଳ ମୁଖ୍ୟ ଡାକଘରେ ଡିଜିଟାଲ୍ ସେବା ପାଉଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ଡାକ ସେବାକୁ ଆହୁରି ବ୍ୟାପକ ଓ ଲୋକାଭିମୁଖୀ କରିବାକୁ ଯାଇ ଗ୍ରାମାଞ୍ଚଳରେ କୋର ବ୍ୟାଙ୍କିଂ ସେବା ପ୍ରଚଳନ କଲେ । ତଦନୁଯାୟୀ ନରଣପୁର ଉପଡାକଘରେ ମଧ୍ୟ ଉକ୍ତ ସେବାର ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଆନୁଷ୍ଠାନିକ ଭାବେ ପୋଷ୍ଟାଲ ଇନ୍‌ସପେକ୍ଟର ସୁଦୀପ୍ତ କୁମାର ଶତପଥି ଫିତା କାଟି ଉଦ୍‌ଘାଟନ କରିଥିଲେ । ଉପ-ଡାକଘର ଡାକପାଳ ବସନ୍ତ କୁମାର ନାଏକ ପୌରହିତ୍ୟ କରି କହିଥିଲେ ଯେ ଉକ୍ତ ସେବା ଦ୍ୱାରା ଜଣେ ବ୍ୟକ୍ତି ଭାରତ ବର୍ଷର ଯେ କୌଣସି ସ୍ଥାନରେ ଜମା ଓ ଉଠାଣ କରିବା ସୁବିଧା ନେଇ ପାରିବ । ଉକ୍ତ ଉତ୍ସବରେ ନରଣପୁର ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଉପ-ଡାକଘର ଓ ଶାଖା ଡାକ ଘରର ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ ।

## ଲକ୍ଷ୍ମୀପଶି ଠାରେ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅର୍ନ୍ତଗତ ବଡଡୁମୁରିଆ ପଚାଂୟତ ର ଲକ୍ଷ୍ମୀପଶି ଠାରେ ସୋମବାର ଦିନ ୩ଟି ଉତ୍ପାଦିକାଗୋଷ୍ଠୀ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଉଟିଏ ର ଆୟୋଜନ କ୍ରମେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମିଶନଶକ୍ତି ର ଗୋଷ୍ଠୀପ୍ରକଳ୍ପ ସଂଯୋଜିକା ଶ୍ରୀମତୀ କଲ୍ୟାଣୀ ପତପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୁଦ୍ଧରେ ଏକଜୁଟ ହୋଇ ଲଢେଇ କରି ମହିଳା ଙ୍କ ମୌଳିକ ଅଧିକାର ଶିକ୍ଷା, ସ୍ୱାସ୍ଥ୍ୟ , କାର୍ଯ୍ୟକ୍ଷେତ୍ର ଲିଙ୍ଗଗତ ବୈଷମ୍ୟତା ଦୂର କରିବାକୁ ଆଗଭର ହେବା ପାଇଁ ମହିଳା ମାନଙ୍କୁ ଉଦ୍‌ବୁଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଆଉଟିଏ ର କାର୍ଯ୍ୟକ୍ରମ ପରିଚାଳକ ତମ୍ବୁଧର ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦାନ କରି କୃଷିକ୍ଷେତ୍ରରେ ମଧ୍ୟ ମହିଳାମାନେ ପୁରୁଷଙ୍କ ସହ ସମାନ ଭାବେ କାର୍ଯ୍ୟ କରୁଥିବା ଜଣାଇଥିଲେ । ଲକ୍‌ଡାଉନ ସମୟରେ ପନିପରିବା ଚାଷ କରି ଟ୍ରେଲିଚ୍ ,ମଲଚିଂ ପଦ୍ଧତୀ ଅନୁସରଣ କରି ଲାଭ ବାନ ହେବା ସହ କୁକୁଡା ଚାଷ , ଛତୁ ଚାଷ କରି ବେଶ ଲାଭବାନ ହୋଇ ନିଜକ କାର୍ଯ୍ୟ ଦକ୍ଷତାର ପରିଚୟ ସୃଷ୍ଟି କରିଛନ୍ତି । ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଆଉଟିଏ ର ସତ୍ୟନାରାୟଣ ଜଗଦେବ କହିଥିଲେ ଯେ ଆଦିବାସୀ ମାହିଳାମାନେ ପ୍ରଥମ ଥର କେନ୍ଦୁଝର ଜିଲ୍ଲାରେ ମଲିଚିଂ ପ୍ରଣାଳୀରେ କ୍ୟାପସିକମ ଚାଷ କରି ନୂତନ ପରିଚୟ ସୃଷ୍ଟି କରିଥିବାରୁ ମହିଳାମାନେ ମଧ୍ୟ ଚାଷ କ୍ଷେତ୍ରରେ ଆଗୁଆ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଲକ୍ଷ୍ମୀପଶି ର ବାସନ୍ତୀ ମୁଣ୍ଡାଙ୍କ ସଭାପତିତ୍ୱରେ ସଭା ପରିଚାଳନା ହୋଇଥିବା ବେଳେ ଗ୍ରାମ ଠାକୁରାଣୀ ,ଜନକଲ୍ୟାଣ ଓ ମା ରଙ୍ଗେଇ ଶୁଣୀ ଉତ୍ପାଦିକା ଗୋଷ୍ଠୀ ର ଶ୍ରୀମତୀ ମାନିନୀ ବେହେରା ,ଶ୍ରୀମତୀ ବନବାସୀ ନାଏକ ଙ୍କ ସମେତ ଜ୍ୟୋତିରଂଜନ ମହାନ୍ତ, କବିତା ମହାନ୍ତ, ସୁରେନ୍ଦ୍ର ଭୋଇ ,ଯୋଗେଶ୍ୱର ମହାନ୍ତ, ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା : ସ୍କୁଲ ମରାମତି ଆଳରେ ଫଟା କାନ୍ଥରେ ରଙ୍ଗ ଲିପି ଅର୍ଥ ହରିଲୁଟ୍

ଝୁମ୍ପୁରା: ସମ୍ପ୍ରତି ସରକାର ବିଦ୍ୟାଳୟ ଗୁଡିକର ଭିତିଭୂମିରେ ସୁଧାର ଆଣିବା ତଥା ବିଦ୍ୟାଳୟ ଗୁଡିକର ରୂପରେଖରେ ପରିବର୍ତ୍ତନ ଆଣିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ତଥା ଲାଞ୍ଚଖୋର ମନୋବୃତି ଯୋଗୁଁ ବିଦ୍ୟାଳୟ ଗୁଡିକରେ ସଠିକ ଭାବେ କାର୍ଯ୍ୟ ହେଉ ନଥିବା ଅଭିଯୋଗ ହୋଇଛି । ସ୍କୁଲ ମରାମତି ଆଳରେ ଫାଟି ଅଁ କରିଥିବା କାନ୍ଥରେ ରଙ୍ଗ ଲିପି ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଟି ଦେଖିବାକୁ ମିଳିଛି ,କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅର୍ନ୍ତଗତ ବାଲିବନ୍ଧ ଗ୍ରାମ ପଚାଂୟତ ବାଲିବନ୍ଧ ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ । ବିଦ୍ୟାଳୟ ମରାମତି କାମରେ ଅନିୟମିତତା ସାଙ୍ଗକୁ ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ସଲାସୁତ୍ରରେ ସ୍କୁଲ ମରାମତି ଆଳରେ ଫଟା କାନ୍ଥରେ ରଙ୍ଗ ଲିପି ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଯୋଗ୍ୟ ଯେ ୨୦୨୦-୨୧ ଆର୍ଥିକ ବର୍ଷରେ ପଚଂଦଶ କେନ୍ଦ୍ରୀୟ ଅର୍ଥକମିଶନ ଦ୍ୱାରା ବାଲିବନ୍ଧ ଉଚ୍ଚ ବିଦ୍ୟାଳୟ ମରାମତି କରଣ ନିମନ୍ତେ ୮୨ ହଜାର ୧୫୬ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ସୂଚନା ରହିଅଛି । ବିଦ୍ୟାଳୟ ଶ୍ରେଣୀ ଗୃହର ଫାଟି ଯାଇଥିବା କାନ୍ଥ , ବିପଦ ସଙ୍କୁଳ ଅବସ୍ଥାରେ ଭାଙ୍ଗି ପଡିଥିବା ଝରକା ଚାଜା, କବାଟ ଓ ଝରକା ,ଶ୍ରେଣୀ ଗୃହର ଫାଟି ଯାଇଥିବା ଚଟାଣ ମରାମତି କରିବା ସହିତ କାନ୍ଥ,କବାଟ,ଝରକା ଓ ପାଚେରୀ ରେ ରଙ୍ଗ ଲିପି ସୁନ୍ଦର କରିବାର ନିୟମ ରହିଛି । ହେଲେ ଶ୍ରେଣୀ ଗୃହ ଗୁଡିକର ଫାଟି ଅଁ କରିଥିବା କାନ୍ଥ , ଝରକା ଗୁଡିକର ଚାଜା ଭାଙ୍ଗି ପଡି ବାହାରକୁ ଦେଖା ଯାଉଥିବା ଲୁହା ଛଡ,ଫାଟି ଯାଇଥିବା ପାଚେରୀ ର ମରାମତି କାମ ନକରି କେବଳ ଫଟା କାନ୍ଥରେ ରଙ୍ଗ ଲିପି ଦେଇ ବିଲ୍ କରି ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ବିଦ୍ୟାଳୟର ସମ୍ମୁଖ ଭାଗରେ ସୂଚନା ଫଳକ ନିର୍ମାଣ କରିବା ସହ ବିଦ୍ୟାଳୟ ମରାମତି କରଣ ନିମନ୍ତେ ଆସିଥିବା ଅର୍ଥର ସମସ୍ତ ସୂଚନା ଲେଖିବାର ପ୍ରାବଧାନ ରହିଛି । କିନ୍ତୁ ବିଭାଗୀୟ କନିଷ୍ଠଯନ୍ତ୍ରୀ ଏବଂ ଠିକାଦାର ସଲାସୁତ୍ର ହୋଇ ଦୁର୍ନୀତିକୁ ଲୁଚାଇବା ପାଇଁ ଶ୍ରେଣୀ ଗୃହର ପଛ ପାଖ କାନ୍ଥରେ ଅସଂପୂର୍ଣ୍ଣ ସୂଚନା ଲେଖାଯାଇଥିବା ଦେଖିବାକୁ ମିଳିଛି ।

## ପ୍ରସ୍ତାବିତ ରାଇସ୍ ମିଲ୍ ପାଇଁ ପଲ୍ଲୀସଭାରେ ସହମତି ମିଳିଲା

କେନ୍ଦୁଝର: ପାଟଣା ବ୍ଲକ ବଡପାଟଣା ପଂଚାୟତ କୁଆପଶି ଗ୍ରାମରେ ଆଜି ପ୍ରସ୍ତାବିତ ନାରାୟଣ ରାଇସ୍ ମିଲ ସ୍ଥାପନ ପାଇଁ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମର ୱାର୍ଡମେମ୍ବରଙ୍କ ଅନୁପସ୍ଥିତିରେ ବୟସ୍କ ନାଗରିକ ଲୋଚନ ମହାନ୍ତଙ୍କୁ ସର୍ବସମ୍ମତୀ କ୍ରମେ ପଲ୍ଲୀସଭାର ସଭାପତିତ୍ୱ ଦାୟୀତ୍ୱ ଦିଆଯାଇଥିଲା । ପଲ୍ଲୀସଭାରେ ଆଇନ୍ ଶୃଙ୍ଖଳା ରକ୍ଷା କରିବା ପାଇଁ ଘଟଗାଁ ଏସ୍‌ଡିପିଓ ରବିନ୍ଦ୍ର କୁମାର ମଲ୍ଲିକ, ପାଟଣା ଥାନାଧିକାରୀ ସୋମନାଥ ଜେନାଙ୍କ ସହ ଥାନାର ଅନ୍ୟ ଅଧିକାରୀ ଓ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ଥିଲେ । ସର୍ବସମ୍ମତି କ୍ରମେ ରାଇସ୍ ମିଲ୍ ସପକ୍ଷରେ ପଲ୍ଲୀସଭାରେ ପ୍ରସ୍ତାବ ପାରିତ ହୋଇଥିଲା ।

## ଫ୍ରାଂଚାଇଜ କର୍ମଚାରୀ ମାନଙ୍କ ପୁନଃ ନିଯୁକ୍ତି ନେଇ ଯୁବ କଂଗ୍ରେର ଦାବି ଆଗରେ ମୁଣ୍ଡ ନୁଆଁଇଲା ଟାଟା ପାୱାର

ଭୁବନେଶ୍ୱର : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ମୁଖପାତ୍ର ନଳିନୀ କାନ୍ତ ନାୟକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କହିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରନ ଲେଙ୍କାଙ୍କ ନେତୃତ୍ୱରେ ଦୀର୍ଘ ୮ ମାସର ଅବିରତ ଆନ୍ଦୋଳନ ଆଗରେ ମୁଣ୍ଡା ନୁଆଁଇଛି ଟାଟା ପାୱାର । ବିଦ୍ୟୁତ ବିଭାଗ ଜୁନ-୨୦୨୦ ରେ ଘରୋଇକରଣ କରି ଟାଟା ପାୱାରକୁ ବିଦ୍ୟୁତ ବିତରଣର ଦାୟୀତ୍ୱ ଦିଆଯିବା ପରେ ପାଖାପାଖି ୭୫୦୦ ଫ୍ରାଂଚାଇଜ କର୍ମଚାରୀ ମାନେ (ମିଟର ରିଡର, ଲାଇନମ୍ୟାନ, ବିଲ କଲେକ୍ଟର, ଜେଇ, ଏସଡିଓ) ନିଯୁକ୍ତି ହରାଇଥିଲେ, ଯେଉଁମାନେ ୮ରୁ ୧୦ ବର୍ଷ ଧରି ଶେସୁ ଅଧିନସ୍ଥ ବିଭିନ୍ନ ଫ୍ରାଂଚାଇଜ ଦ୍ୱାରା କାମ କରୁଥିଲେ । ସେମାନେ ନିରନ୍ତର ଭାବେ ଫାଇଲିନ, ହୁଡହୁଡ, ଫନି, ଆନ ଇତ୍ୟାଦି ସମୟରେ ରାଜ୍ୟବାସୀଙ୍କୁ ସେବା ଯୋଗାଇ ଆସୁଥିଲେ । ଏହି ୭୫୦୦ ଯୁବକଯୁବତୀ ମାନଙ୍କ ହକ୍ ପାଇଁ ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ଆନ୍ଦୋଳନ ଆରମ୍ଭ କରିଥିଲା, ପ୍ରଥମେ ଟାଟା ପାୱାର ଅଫିସ ଆଗରେ ଧାରଣା, ଓଇଆରସି ଅଫିସ ଆଗରେ ବିକ୍ଷୋଭ ଓ ଦାବିପତ୍ର, ଶକ୍ତିମନ୍ତ୍ରୀଙ୍କ ସରକାରୀ ବାସଭବନ ଆଗରେ ଆନ୍ଦୋଳନ ପରେ ବିଧାନ ସଭା ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ କାର୍ଯ୍ୟକ୍ରମ ହାତକୁ ନେଇଥିଲା । ଏହିପରି ଭାବେ ଯୁବ କଂଗ୍ରେସ ଡ. ଲେଙ୍କାଙ୍କ ନେତୃତ୍ୱରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ୭୫୦୦ କର୍ମଚାରୀ ମାନଙ୍କ ପୁନଃ ନିଯୁକ୍ତି ପାଇଁ ଯୋରଦାର ଆନ୍ଦୋଳନ କରିଥିଲା । ଗତ ୧୯ ଜୁଲାଇ ୨୦୨୧ ରିଖରେ ଯୁବ କଂଗ୍ରେସ କର୍ମଚାରୀ ମାନଙ୍କ ସହ ମିଶି ଟାଟା ପାୱାର ଅଫିସ ଘେରାଉ କରିଥିଲ । ତାପରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ଏକ ପ୍ରତିନିଧି ମଣ୍ଡଳ ଆଲୋଚନା କରିଥିଲା ଏବଂ ଏହି ଆଲୋଚନା ସଫଳ ହୋଇଥିଲା । ଏହାର ଫଳ ସ୍ୱରୂପ ଗତକାଲି ୨୭ ଜୁଲାଇ ୨୦୨୧ ଟାଟା ପାୱାର ପକ୍ଷରୁ ପୁନଃ ନିଯୁକ୍ତି ଦେବା ପାଇଁ ରାଜି ହେବା ସହ ଏକ ନୋଟିଫିକେସନ ଜାରି କରି ପୁନଃ ନିଯୁକ୍ତି ଦାବିକୁ ଗ୍ରହଣ କରିଛନ୍ତି । ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛି ତତ୍ ସହିତ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା କରିବା ସହ ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେବା ପାଇଁ ପକ୍ରିୟା ଆରମ୍ଭ କରିବାକୁ ନିବେଦନ କରିଛନ୍ତି ଯୁବ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ କହିଛନ୍ତି । ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସର ସ୍ୱରକୁ ଓଡ଼ିଶାବାସୀ, ଓଡ଼ିଶା ସରକାର ଟାଟା କର୍ତ୍ତୃପକ୍ଷଙ୍କ ପାଖରେ ପଂହଚାଇବାରେ ଅଗ୍ରଣୀ ଭୂମିକା ନିଭାଇଥିବା ସମସ୍ତ ମିଡ଼ିଆ ବନ୍ଧୁମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ନାୟକ । ଆଗାମୀ ଦିନରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଓଡ଼ିଶାର ଯୁବକଯୁବତୀ ମାନଙ୍କର ପ୍ରତ୍ୟେକ ହକ୍ ପାଇଁ ଲଢ଼େଇ କରିବ ଏବଂ ଓଡ଼ିଶାର ଯୁବକ ଯୁବତୀମାନଙ୍କର ସ୍ୱର ରୂପେ ଦାୟୀତ୍ୱ ତୁଲାଇବ ବୋଲି ଶ୍ରୀ ନାୟକ କହିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରିତ ପାତ୍ର, ସଂକୁନା କହଁର, ବିଶ୍ୱରନ ଦାସ ଓ ଆଦିତ୍ୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଧରପଡା ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

ଫୁଲନଖରା : କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ ମହିଧରପଡା ହାଇସ୍କୁଲ ପରିସରରେ ସବୁଜ ବିସ୍ତାର ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ବର୍ତମାନ ସମୟରେ ବୃକ୍ଷର ଆବଶ୍ୟକତା ଦୃଷ୍ଟିରୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷିରେ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସବୁଜ ବିସ୍ତାର ଅନୁଷ୍ଠାନର ସଭାପତି ପ୍ରଭାତ ଦାସ, ସଂଯୋଜିକା ନୀଳିମା ଦାସ,ବାରଙ୍ଗ ବ୍ଲକ ବିଜେଡି ସଭାପତି ଗୋଲକ ଚନ୍ଦ୍ର ପାତ୍ର,ଯୁବ ବିଜେଡି ସଭାପତି ଶଶିଭୂଷଣ ଦାଶ, ଅଶୋକ କୁମାର ରଥ,ବିଜୟ କୁମାର ଦାସ,ଲିଙ୍ଗରାଜ ମହାନ୍ତି,ସୁଧିର ଚନ୍ଦ୍ର ଖୁଂଟିଆ,ବିପ୍ଳବ ଯାଦବ,ଶିକ୍ଷକ ଡକ୍ଟର ଦେବଦତ ପ୍ରଧାନ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ପ୍ରତିମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥିଙ୍କ ସହିତ ସମସ୍ତ ଅତିଥି ମାନେ ମିଶି ବିଦ୍ୟାଳୟ ପରିସରରେ ନିମ୍ବ,ପେସ୍ତାବାଦାମ, କାଜୁବାଦାମ, ଆମ୍ବ, ପିଜୁଳି,ଲେମ୍ବୁ ଆଦି ଉପାଦେୟ ବୃକ୍ଷ ରୋପଣ କରିଥିଲେ ।

## ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି ।ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି ।ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ୍ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ।

## ମାଞ୍ଚେଷ୍ଟରଠାରେ ଶ୍ରୀଜଗନ୍ନାଥଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ




ମାଞ୍ଚେଷ୍ଟର : ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ର ଦ୍ୱିତୀୟ ବୃହତ୍ତମ ନଗରୀ ମାଞ୍ଚେଷ୍ଟରଠାରେ ବିଶ୍ୱବ୍ରହ୍ମାଣ୍ଡର ସର୍ବବୃହତ୍ତ ଦେବତା ଶ୍ରୀଜଗନ୍ନାଥଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି । ସକାଳୁ ପୂଜାର୍ଚ୍ଚନା, ଅଧିବାଶ, କଳସ ଯାତ୍ରା, ଅଭିଷେକ, ମୂର୍ତ୍ତି ସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ଆଦି ଧାର୍ମିକ ନୀତି, ବିଧି ମୁତାବକ ଅତ୍ୟନ୍ତ ଭକ୍ତିପୂତ ପରିବେଶ ମଧ୍ୟରେ ସମାପନ କରାଯାଇଥିଲା । ଏହି ଉପଲକ୍ଷେ ଚତୁର୍ଦ୍ଧା ମୂର୍ତ୍ତି ବିରାଜମାନ କରୁଥିବା ୨୩୧ ନମ୍ବର ଉଇଦିଂଟନ୍ ରୋଡସ୍ଥିତ ଗୀତା ଭବନ ହିନ୍ଦୁ ମନ୍ଦିରକୁ ରଙ୍ଗବେରଙ୍ଗର କାଗଜ ଓ କପଡ଼ାରେ ଭବ୍ୟ ଢଙ୍ଗରେ ସଜା ଯାଇଥିବା ଦେଖାଯାଇଥିଲା । ଅପରାହ୍ଣ ୧୨.୪୫ମିନିଟ୍‌ରୁ ୧.୪୫ମିନିଟ୍ ମଧ୍ୟରେ ଦିଅଁମାନଙ୍କ ସାମ୍ନାରେ ନାମଯଜ୍ଞ, ହୋମ, ଭୋଗ, ମହା ଆଳତି ଓ ପୁଷ୍ପାଞ୍ଜଳି ଆଦି ଧାର୍ମିକ କାର୍ଯ୍ୟକ୍ରମ 'ଗ୍ଲାସ୍ ଗୋ' ହିନ୍ଦୁ ମନ୍ଦିରର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ମେଦିନୀ ପତି ମିଶ୍ର ଏବଂ ଗୀତା ଭବନର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ଶ୍ୟାମସୁନ୍ଦର ଶର୍ମାଙ୍କର ସଂଯୁକ୍ତ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା । ବହୁ ପ୍ରତୀକ୍ଷିତ ଏହି ପ୍ରତିମା ସ୍ଥାପନା ଉତ୍ସବକୁ ଦେଖିବା ପାଇଁ ମନ୍ଦିର ପରିସରରେ ପାଖାପାଖି ୫୦୦ ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁମାନେ ସେମାନଙ୍କ ପରିବାର ସହିତ ସମ୍ମିଳିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଅପରାହ୍ଣ ୨.୩୦ମିନିଟ୍ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରୋଷଣି ସହିତ ଗୀତା ଭବନ ପରିସରରେ ଥିବା ସୁନ୍ଦର, ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ରଥ ନିର୍ମାଣ ଓ ଏହାର ସାଜସଜ୍ଜା କରିବାରେ ଜୀବନ ପାଣିଗ୍ରାହୀ, ମାଇକ ସାରକେ, ବିଷ୍ଣୁ ଦାଶ ଓ ପ୍ରଶାନ୍ତ ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଉପସ୍ଥିତ ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନୀ ଏବଂ ଶଙ୍ଖ, ଘଣ୍ଟ, କର୍ତ୍ତାଳ, ମର୍ଦ୍ଦଳ, ଝା ଓ ମୃଦଙ୍ଗର ଘୋର ଘର୍ଗର ନାଦ, ଗଗନ ପବନକୁ ପ୍ରକମ୍ପିତ କରିବାର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ଡକ୍ଟର ଶିବ ସେନାପତି ପାରମ୍ପରିକ ଛେରା ପହଁରା କାର୍ଯ୍ୟ ତୁଲାଇଥିଲେ । ଏହା ପରେ ଭଜନ, କୀର୍ତ୍ତନର ସୁମଧୁର ମୁର୍ଚ୍ଛନା ମଧ୍ୟରେ ରଥଟିକୁ ଉଇଦିଂଟନ, ଉଇଲବ୍ରାହାମ୍, ବାର୍ଣ୍ଣିଂହମ୍ ଏବଂ ଆଲେକଜାଣ୍ଡ୍ରା ସାଉଥ୍ ଆଦି ରାସ୍ତାରେ ଦୁଇ ମାଇଲ୍ ପରିମିତ ଆଲେକଜାଣ୍ଡ୍ରା ପାର୍କ ପର୍ଯ୍ୟନ୍ତ ଟଣାଯାଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା । ରଥ ଉପରେ ଶୋଭା ପାଉଥିବା ଜଗତର ନାଥ ଶ୍ରୀଜଗନ୍ନାଥ, ବଡ଼ ଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ଶୁଭଦ୍ରା ଏବଂ ଶ୍ରୀସୁଦର୍ଶନଙ୍କର ଅପୂର୍ବ ଓ ଅଲୌକିକ ଝଲକ ଖୁବ୍ ଅନନ୍ୟ ଓ ଅପାଶୋରା ଥିଲା । ଭାରତୀୟ ଓ ବିଦେଶୀ ଭକ୍ତମାନେ ରଥାରୁଢ଼ ଠାକୁରମାନଙ୍କର ଦିବ୍ୟ ଦର୍ଶନ ଲାଭରେ ପୂଣ୍ୟ ଅର୍ଜନ କରି କୃତକୃତ୍ୟ ହେଉଥିବା ପରିଲକ୍ଷିତ କରାଯାଇଥିଲା । ନିକଟରେ ନିମ କାଠରେ ପୁରୀଠାରେ ନିର୍ମିତ କରାଯାଇଥିବା ଦିଅଁମାନଙ୍କର ପ୍ରତିମୂର୍ତ୍ତିଗୁଡ଼ିକୁ କୋରିଅର୍ ଯୋଗେ ମାଞ୍ଚେଷ୍ଟରକୁ ଅଣାଯାଇଥିଲା । ଗୀତା ଭବନରେ ପ୍ରତିମା ପ୍ରତିଷ୍ଠା ସକାଶେ ଏହାର ସଂସ୍ଥାପକ ଓ ପରିଚାଳକ ସଂସ୍ଥା ହିନ୍ଦୁ ସାଂସ୍କୃତିକ ସମାଜର ବରିଷ୍ଠ ଟ୍ରଷ୍ଟି ରାଜକୁମାର କୌଶଳ ବିଶେଷ ଭାବେ ସାହାଯ୍ୟ ସହଯୋଗ କରିଥିବା ଜଣାଯାଇଛି । ସନ୍ଧ୍ୟାରେ ଠାକୁରମାନଙ୍କୁ ସ୍ଥାନୀୟ ଇସ୍କନ ଟିମ୍ ଦ୍ୱାରା ପ୍ରସ୍ତୁତ ପ୍ରସାଦ ଅର୍ପଣ କରାଯାଇଥିଲା । ଉପସ୍ଥିତ ଭକ୍ତମାନେ ମଧ୍ୟ ପୁରୀ ଆନନ୍ଦ ବଜାରର ଅବଢ଼ା ଶୈଳୀରେ ପ୍ରସ୍ତୁତ ଏହି ସ୍ୱାଦିଷ୍ଟ ପ୍ରସାଦ ସେବନର ସୁଯୋଗ ଲାଭ କରିଥିଲେ । ମାଞ୍ଚେଷ୍ଟରଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସ୍ଥାପନା ହେବାଦ୍ୱାରା ଉତ୍ତର-ପଶ୍ଚିମ ଇଂଲଣ୍ଡ ଇଲାକାରେ ବସବାସ କରୁଥିବା ଓଡ଼ିଆ ଅଧିବାସୀମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହେଲା ବୋଲି ଉତ୍ସବର ପ୍ରଧାନ ଆୟୋଜକ ଓ ପ୍ରସିଦ୍ଧ ଜଗନ୍ନାଥ ଭକ୍ତ ଡକ୍ଟର ଶିବ ସେନାପତି ଓ ଶ୍ରୀମତୀ ରେଖା ସେନାପତି ମତପ୍ରକାଶ କରିଛନ୍ତି । ବିଗ୍ରହ ସ୍ଥାପନା ସମାରୋହ ଏବଂ ରଥଯାତ୍ରା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅନ୍ୟ ସଂଗଠକମାନଙ୍କ ମଧ୍ୟରେ ଜୀବନ ପାଣିଗ୍ରାହୀ, ଦୁର୍ଗେଶ ନନ୍ଦିନୀ ମିଶ୍ର, ପ୍ରଶାନ୍ତ ସାହୁ, ରୋଜାଲିନ ବିଶ୍ୱାଳ, ବିଷ୍ଣୁ ଦାଶ, ସୁଶ୍ରୀ ମିଶ୍ର, ଶିବ ରନ ବିଶ୍ୱାଳ ଓ ପୂଜା ଖଣ୍ଡୁଆଳ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ସୁନାମଧନ୍ୟ କାଳାକାଳମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମଧ୍ୟ ସମାରୋହର ଅଂଶବିଶେଷ ଥିଲା । ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିବା ପ୍ରସ୍ତୁତିଗୁଡ଼ିକ ମଧ୍ୟରେ ନିରୁଶ୍ରୀ ନିର୍ଲିପ୍ତା ମହାନ୍ତି ଓ ଦ୍ରିସିକା ପାଣିଗ୍ରାହୀଙ୍କଦ୍ୱାରା ଭଜନ ଓ ଜଣାଣ ଗାୟନ, ନ୍ରିତ୍ୟ ରାମମୋହନଙ୍କ ଦ୍ୱାରା ଭାରତନାଟ୍ୟମ ଏବଂ ଏଲିନା ଏଭେଲିନ୍ ଓ ଗ୍ରାସି ଆରୋରାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ସଂରଚନା ଅନ୍ତର୍ଭୁକ୍ତ ଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଡକ୍ଟର ନିଶେବିତା ଦାସ, ଡକ୍ଟର ରମେଶ ରାଉତରାୟ, ଡକ୍ଟର ରୀନା ରାଉତରାୟ, ଡକ୍ଟର ନୀରେନ୍ଦ୍ର ଜେନା, ଶ୍ରୀମତୀ ବିଦ୍ୟୁତ୍ ଜେନା, ଡକ୍ଟର ବିଭୁ ପ୍ରସାଦ ଦାଶ, ଡକ୍ଟର ସଙ୍ଗୀତା ଦାଶ, ଶ୍ରୀମତୀ ମମତା ନାୟକ, ଡକ୍ଟର ଜୀନିତା ମହାନ୍ତି, ଡକ୍ଟର ପ୍ରକାଶ ଦେ ଏବଂ ଡକ୍ଟର ଦେବକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ ।

## ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖି ରାଉତ, ଶାନ୍ତି ସ୍ୱରୂପ ଭୂୟାଁ, ଚୈତନ୍ୟ ଚରଣ ମଲିକ ପ୍ରମୁଖ ଦାବି କରିଛନ୍ତି ।




# ସାର୍ବଜନିନ ଟିକାକରଣ ଓ ପରୀକ୍ଷା ବୃଦ୍ଧି ନିମନ୍ତେ ସିପିଆଇ(ଏମ୍)ର ଦାବି

ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶର କରୋନାର ଦ୍ୱିତୀୟ ଲହର ତାଣ୍ଡବ ସୃଷ୍ଟି କଲାଣି । କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ କରୋନା ସଂକ୍ରମଣ ରୋକିବା ରେ ବିଶ୍ୱରେ ଉଦାହରଣ ସ୍ତରୀୟ ହୋଇଥିବା ଏକ ମିଥ୍ୟା ଆସ୍ଫାଳନ ରୂପେ ପ୍ରତିପାଦିତ ହୋଇଛି । ସଂକ୍ରମଣ ସଂଖ୍ୟା ଦୃଷ୍ଟିରୁ ବିଶ୍ୱର ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉନ୍ନିତ ହେବା ହିଁ ଆମ ସଫଳତା । ଦେଶରେ ଦୈନିକ ସଂକ୍ରମିତ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବା ପୂର୍ବରୁ କେବେ ଦେଖା ଦେଇ ନଥିଲା । ମୃତକଙ୍କ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି । ବିଶେଷ କରି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ପରି ବିଜେପି ଶାସିତ ରାଜ୍ୟ ଗୁଡିକର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ । ହସପିଟାଲରେ ଖଟିଆ ନାହିଁ । ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଶ୍ମଶାନରେ ସ୍ଥାନ ନାହିଁ । ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟାକୁ ନ୍ୟୂନ କରି ଦେଖାଯାଉଛି । ଟିକା ଉତ୍ସବ ପାଳନ କେବଳ ଆତ୍ମପ୍ରଚାରରେ ସିମିତ । କେନ୍ଦ୍ର ସରକାର ଆବଶ୍ୟକ ପରିମାଣ ଟିକା ଯୋଗାଣ ନ କରିବାରୁ ଓଡିଶା ସମେତ ବହୁ ରାଜ୍ୟରେ ଟିକାଦାନ ବ୍ୟାହତ ହୋଇଛି । ଓଡିଶାର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ଟୀକା ଯୋଗାଇବା ପାଇଁ ଦାବୀ ଉଠାଇଛି । ଓଡିଶାରେ ମଧ୍ୟ କରୋନା ତା'ର କାୟା ବିସ୍ତାର କରି ଚାଲିଛି । ପିପିଲି ସମେତ ପୂର୍ବର ଉପନିର୍ବାଚନ ଗୁଡିକରେ ଲଗାମହୀନ ଜନ-ସମାବେଶ ଏବଂ କୁମ୍ଭମେଳା ପାଇଁ ଉତ୍ତରାଖଣ୍ଡ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ କରୋନା ସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି ।

ଓଡିଶା ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ସଂସ୍ଥା ନିକଟରୁ ସଫଳତାର ସାର୍ଟିଫିକେଟ୍ ଯୋଗାଡ କରୋନା ସଂକ୍ରମଣ ବ୍ୟାପିବା ରୋକିବାରେ ସହାୟକ ହେବ କି?

ଓଡିଶାରେ ଦ୍ୱିତୀୟ କରୋନା ସଂକ୍ରମଣର ଲହର ୪ ମାସରେ ୨ଗୁଣରୁ ଅଧିକ ବଢିଛି । ବାହାର ରାଜ୍ୟରୁ ଆସୁଥିବା ଲୋକ ଏବଂ ବିଦେଶରୁ ଆସୁଥିବା ଲୋକଙ୍କ କଡାକଡି ପରୀକ୍ଷା ନିଷ୍ପତ୍ତି କେବଳ ପ୍ରଚାରରେ ସିମୀତ । ରାଜ୍ୟରେ ଟିକାର ମଡକ ପଡିଛି । ଟିକା ପ୍ରଦାନକୁ ସାର୍ବଜାନିନ କରିବା ଦୂରର କଥା ସିମୀତ ବର୍ଗର ଲୋକଙ୍କ ପାଇଁ ଟିକା ନାହିଁ । ଏଣେ ପରିକ୍ଷାକୁ ନିରୁତ୍ସାହିତ କରାଯାଉଛି । ଲୋକଙ୍କୁ ନିଜ ଦାୟିତ୍ୱରେ ଛାଡି ଦିଆଯାଉଛି । ରାତ୍ରୀକାଳୀନ କର୍ଫ୍ୟୁ, ସମାବେଶ ଗୁଡିକରେ କଟକଣାକୁ ଲାଗୁ କରିବା ପାଇଁ ପୁଲିସର ମାତ୍ରାଧିକ କାର୍ଯ୍ୟ ଲୋକଙ୍କୁ ଭୟଭୀତ କରିବ । କରୋନା ସଂକ୍ରମଣ ରୋକିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । କେନ୍ଦ୍ର ନିକଟରେ ଏହି ଅର୍ଥ ପାଇଁ ରାଜ୍ୟ ସରକାର ଦାବୀ କରୁନାହାଁନ୍ତି ।

କରୋନାର ଦ୍ୱିତୀୟ ଲହର କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ ଜୀବନଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିବ । ଏଣୁ ସି.ପି.ଆଇ. (ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ବିବୃତ୍ତିରେ ନିମ୍ନ ଦାବୀଗୁଡିକ ଉତ୍ଥାପନ କରାଯାଇଛି ।

ରାଜ୍ୟରେ ଟିକାକରଣକୁ ସାର୍ବଜନୀନ କରିବା ଏବଂ ଅଧିକ ପରୀକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର । ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟର ସମସ୍ତ ଜିଲ୍ଲାରେ କୋଭିଡ୍ ହସ୍‌ପିଟାଲ ଓ କେନ୍ଦ୍ର ଗୁଡିକୁ ତୁରନ୍ତ ପୁନଃ ପ୍ରତିଷ୍ଠା କରିବା ଦରକାର । ହସ୍‌ପିଟାଲ ମଧ୍ୟରେ ଆବଶ୍ୟକୀୟ ସରଞ୍ଜାମ, ପିପିଇ କିଟ, ଅମ୍ଳଜାନ ବ୍ୟବସ୍ଥା କରିବା ଦରକାର ।

ଓଡିଶା ବାହାରେ ରହୁଥିବା ଇଚ୍ଛୁକ ପ୍ରବାସୀମାନଙ୍କୁ କରୋନା-ପ୍ରବଣ ରାଜ୍ୟରୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଦାବୀ କରନ୍ତୁ । ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଲୋକର ପରୀକ୍ଷା କରାଯାଉ ଏବଂ ତୁରନ୍ତ ରିପୋର୍ଟ ପ୍ରଦାନର ବ୍ୟବସ୍ଥା ହେଉ । ଜୀବିକା ସଙ୍କଟ ନିରାକରଣ ପାଇଁ ତୁରନ୍ତ ଖାଦ୍ୟ ଗୋଦାମରେ ପଡି ରହିଥିବା ଖାଦ୍ୟସାମଗ୍ରୀକୁ ମାଗଣା ବଣ୍ଟନ କରିବା ସହିତ ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ନଗଦ ପ୍ରଦାନ କରାଯାଉ ।

## 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ଗୋଖନାରେ ଜଳଛତ୍ର ଓ ମାସ୍କ ବଣ୍ଟନ

ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆହ୍ୱାନ' ପକ୍ଷରୁ ପବିତ୍ର ରାମନବମୀ ଅବସରରେ ଗୋଖନା ଛକଠାରେ 'ଆହ୍ୱାନ' କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଜଳଛତ୍ର ମାଧ୍ୟମରେ ଦହି ସର୍ବତ ଓ ମାସ୍କ ବଣ୍ଟନ କରାଯାଇଥିଲା । 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ଆବାହକତ୍ୱରେ ଜଳଛତ୍ର ଉଦ୍‌ଘାଟିତ ହେବା ସହିତ ଥଣ୍ଡା ଦହି ସର୍ବତ ସାଧାରଣ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ପାଣ୍ଡବ ଚରଣ ସାହୁ ଫିତାକାଟି ଜଳଛତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମାଜସେବୀ ହୃଷିକେଶ ପତି, ସହସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି, ସମାଜସେବୀ ଶଶୀଭୂଷଣ ସାମଲ, ଜିତେନ୍ଦ୍ର ବେହେରା, ଅଧିକାରୀ ନବକିଶୋର ଦାସ, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୀଷ୍ମ ଋତୁରେ ଜଳଦାନ ଭଳି ମହତ କାର୍ଯ୍ୟକୁ ଆଗ୍ରହ ସହକାରେ ଆପଣେଇ ଥିବାରୁ 'ଆହ୍ୱାନ' ସଂସ୍ଥା ପ୍ରତି ଜନସାଧାରଣଙ୍କର ଆଦର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା ।

## ପଦ୍ମପୁର ଶିବ ମନ୍ଦିର ପରିସରରେ ଦିବ୍ୟ ଭବ୍ୟ ଯଜ୍ଞମଣ୍ଡପ ପ୍ରତିଷ୍ଠା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଅବସ୍ଥିତି ପଦ୍ମେଶ୍ୱର ଶୈବପୀଠ ପରିସରରେ ଏକ ଭବ୍ୟ ଦିବ୍ୟ ସୁନ୍ଦର ନୂତନ ଯଜ୍ଞ ମଣ୍ଡପର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମଣ୍ଡପଟି ପଦ୍ମପୁର ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ପୂର୍ଣ୍ଣ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବିପତ୍ତି ସମୟରେ ନିର୍ମାଣ କାର୍ଯ୍ୟ ୧ ବର୍ଷ ବନ୍ଦ ରହିଥିଲା । ଏବେ ଯଜ୍ଞ ମଣ୍ଡପଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଶୁଭ ମନାସିଛନ୍ତି । ପ୍ରତିଷ୍ଠା ଦିବସ ପୁଜାରେ କୁଳ ପୁରୋହିତ ହୃଦାନନ୍ଦ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ ଦୁଷ୍ମନ୍ତ ସାହୁଙ୍କର ସୁପୁତ୍ର ଶ୍ରୀମାନ ମାନସ କୁମାର ସାହୁ ସଙ୍କଳ୍ପରେ ବସିଥିଲେ । କୋରନା କଟକଣା ନିୟମକୁ ପାଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦଶରଥପୁର ବ୍ଲକ ବ୍ୟାପକ ଦୁର୍ନିତି ଓ ନନ୍ଦିପୁର ଗ୍ରାମପଞ୍ଚାୟତ ଅଫିସ ପୋଡିର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

ଯାଜପୁର (ପିଏନ୍): ଗତ ୧୭ ତାରିଖ ରାତ୍ରରେ ଘଟିଥିବା ଦଶରଥପୁର ବ୍ଲକ ଅଧିନସ୍ଥ ନନ୍ଦିପୁର ଓ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅଧିକାରୀ ସରପଞ୍ଚଓ ଦଶରଥପୁର ବ୍ଲକର କେତେକ କର୍ମଚାରୀଙ୍କ ପ୍ରରୋଚନାରେ ଅଫିସ କାଗଜପତ୍ରରେ ଅଗ୍ନିସଂଯୋଗ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଉପକରଣ ଧ୍ୱଂସ କରାଯାଇଛି। ଏଥିନିମନ୍ତେ ଦଶରଥପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଶ୍ୟାମସୁନ୍ଦର କରଙ୍କ ନେତୃତ୍ୱରେ ଯାଜପୁର ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତା ମନୋରଞ୍ଜନ ଦାସ, ପୂର୍ଣ୍ଣ ଚନ୍ଦ୍ର ଜେନା, ବିଜୟ ମହାପାତ୍ର ପ୍ରଭୃତି କଂଗ୍ରେସର କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ନରିପେକ୍ଷ ତଦନ୍ତ କରିବା ପାଇଁ ଦାବି କରିବା ସହିତ ଦୋଷୀକୁ ଦୃଷ୍ଟାନ୍ତମୁଳକ ଦଣ୍ଡବିଧାନ କରିବା ପାଇଁ ଦାବି କରିଥିଲେ। ଏଥିସହିତ ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନିତିର ସ୍ୱତନ୍ତ୍ର ଅଡିଟ୍ କରିବା ସହ ଭିଜିଲାନ୍ସ ଇନ୍‌କ୍ୱାରି ପାଇଁ ଜିଲ୍ଲାପାଳଙ୍କୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ।

## ବହୁଚର୍ଚ୍ଚିତ ଖଣ୍ଡରା ପଞ୍ଚାୟତ ଶୁଭଶ୍ରୀ ମୃତ୍ୟୁ ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ

ଯାଜପୁର (ପିଏନ୍): ଶୁଭଶ୍ରୀ ହତ୍ୟାକାଣ୍ଡକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଘଟୁଥିବା ବେଳେ କଂଗ୍ରେସ ଦଳ ସରକାରୀ ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ଏହି ହତ୍ୟାକାଣ୍ଡରେ ହାତ ରହିଛି ବୋଲି ଦାବିକରିଛି। ଜିଲ୍ଲାପାଳଙ୍କୁ ଭେଟି କଂଗ୍ରେସର ଏକ ପ୍ରତିନିଧି ଦଳ ମୃତ ଶୁଭଶ୍ରୀ ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇବା ସହ ପୁଲିସ୍ ପ୍ରଶାସନର ନିରବତା ସମ୍ପର୍କରେ ମଧ ଘଟଣାର ତତ୍ପରତା ପ୍ରକାଶ ନକରି ତିନି ମାସ ନୀରବ ବସିରହିବା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟକରିଛି। ପୋଲିସ୍ ଏହି ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ହତ୍ୟାକାଣ୍ଡର ମୁଖ୍ୟ ଆଶାମୀ ଗରିଫ କରି ଓ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଣୁ ପିଡିତାକୁ ନ୍ୟାୟ ମିଳିବା ସହିତ ୨୦ ଲକ୍ଷ ଟଙ୍କାର କ୍ଷତି ପୁରଣ ଦେବାକୁ କଂଗ୍ରେସର ପ୍ରତିନିଧିଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଘଟଣାର ସତ୍ୟ ପ୍ରକାଶ ନିମନ୍ତେ ବିଚାର ବିଭାଗୀୟ ତଦନ୍ତ ମଧ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଯାଜପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତନା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା ସମେତ କଂଗ୍ରସ କର୍ମୀମାନେ ଜିଲ୍ଲାପାଳଙ୍କ ନିକଟରେ ଦତଦନ୍ତ ନିମନ୍ତେ ଅନୁରୋଧ କରିଛନ୍ତି।

# ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ଦାବି

ଭୁବନେଶ୍ୱର (ପିଏନ୍): ପ୍ରବୀଣ ଜନନାୟକ, ସାହିତ୍ୟିକ, ସଂପାଦକ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ୬ତମ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସାଧାରଣ ସଂପାଦକ ତଥା ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସଭ୍ୟବୃନ୍ଦ, କର୍ମକର୍ତ୍ତା, ଉପଦେଷ୍ଟା ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପସ୍ଥିତ ରହି ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଭୁଲା ଓ ଅମର ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ଆମାୟିକ ବ୍ୟବହାର ତଥା ସମାଜର ବିଭିନ୍ନ ଉଲ୍ଲେଖନୀୟ ଦିଗ ପ୍ରତି ତାଙ୍କ ସମର୍ପିତ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି, ସ୍ୱର୍ଗତ ପଟ୍ଟନାୟକ ୨୦୦୧ ମସିହାରେ ସଂଘର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘର ସାଂସ୍କୃତିକ ଧାରାକୁ ବଜାୟ ରଖିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଯୁବକମାନଙ୍କର କଳା ଓ ସଂସ୍କୃତି ପ୍ରତିଥିବା ଆଗ୍ରହକୁ ଆଗେଇ ନେବାରେ ତାଙ୍କର ସବୁପ୍ରକାର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଦେବେ ବୋଲି ପ୍ରତିଶୃତି ଦେଇଥିଲେ। ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ସଂଘ ତାଙ୍କୁ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧନା ଦେବା ଅବସରରେ ସେ ତାଙ୍କର ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହ ତାଙ୍କର ମେଳାପୀ, ବନ୍ଧୁ ବତ୍ସଳ, ଉତ୍ସାହ ଓ ଆତ୍ମୀୟତାବୋଧ ସଂଘ ପାଖରେ ଆଜି ବି ଜୀବନ୍ତ ଓ ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଇଷ୍ଟ ଦେବତା ଈଶାଣେଶ୍ୱର ମହାଦେବଙ୍କ ମନ୍ଦିର ସଂପର୍କରେ ସେ ପଚାରି ବୁଝିଥିଲେ ଓ ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ମଧ୍ୟ ତାଙ୍କୁ ଉପସ୍ଥାପନ କରାଯାଇଥିଲା। ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସଂଘ ସହିତ ବିତାଇ ଥିବା ମୁହୂର୍ତ୍ତ ଚିରସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଗଦାଧର ପ୍ରସାଦ ରଥ, ନିରଞ୍ଜନ ସାହୁ, ନାରାୟଣ ପ୍ରତାପ ରାୟ, ମଦନ ମୋହନ ପୃଷ୍ଟି, ଶିଶିର କୁମାର ମହାରଣା, ଗୋବିନ୍ଦ ଚନ୍ଦ୍ର ଦାସ, ଅର୍ଜୁନ ଦେହୁରୀ ଓ ନାଟ୍ୟ ନିର୍ଦ୍ଦେଶକ ଛବି ବାରିକ, ସ୍ଥାନୀୟ ବରଷ୍ଠ ନାଗରିକ ଓ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା। ପରେ ପରେ ଅନୁଷ୍ଠାନର ଶୋକ ପୁସ୍ତିକାରେ ସ୍ୱାକ୍ଷର କରିବା ସହିତ ସଂଘର ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଂଗ କରାଯାଇଥିଲା।

## ବିଧାୟକ ସାଂସଦ ମୁହାମୁହିଁ ସ୍ଥିତିରେ : କର୍ମୀ ବିଭାଜିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ହେଉଛି ରାଜନୀତିର ପ୍ରଶିକ୍ଷଣ କ୍ଷେତ୍ର । ଏହି କ୍ଷେତ୍ରରେ ଯିଏ ନାମ ଲେଖାଇଛି ସେ କେବେ କେଉଁଠି ହାରିବାର ପ୍ରଶ୍ନ ଉଠୁନି । ଏହି କ୍ଷେତ୍ରରୁ ରାଜ୍ୟର ବହୁ ବିଶିଷ୍ଟ ନେତା ବିଜୟୀ ହୋଇ ରାଜ୍ୟ ତଥା କେନ୍ଦ୍ର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରି ହଇଚଇ ସୃଷ୍ଟି କରିଛନ୍ତି। ଅତୀତର ରାଜନୀତି ସହିତ ବର୍ତ୍ତମାନ ରାଜନୀତିକୁ ତୁଳନା କଲେ ଏହା କଣ କେନ୍ଦ୍ରାପଡାର ରାଜନୀତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରଶ୍ନ କରନ୍ତି । ଆଜିକାଲି ଦଳୀୟ ଶୃଙ୍ଖଳାକୁ ପଛରେ ପକାଇ ନେତାମାନେ ମନମୁଖୀ ଭାବେ ରାଜନୀତି କରୁଛନ୍ତି ଫଳରେ ସଚା କର୍ମୀଟିଏ ବଳି ପଡୁଥିବା ଦେଖାଯାଉଛି । ଏପରି ରାଜନୈତିକ ସ୍ଥିତି କେନ୍ଦ୍ରାପଡାରେ ଦେଖିବାକୁ ମିଳୁଛି । ଏବେ ବିଧାୟକ ଓ ସାଂସଦଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କର୍ମୀମାନେ ଏହାର ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି । ଗତ କିଛିଦିନ ପୂର୍ବେ କେନ୍ଦ୍ରାପଡା ବିଧାୟକଙ୍କ ପରିବାର ସଦସ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦର୍ଶନ କରିଥିଲେ ଓ ଏଥିରେ କେତେକ ଆଗଧାଡିର ଦଳୀୟ କର୍ମୀ ସାମିଲ ହୋଇଥିଲେ । ତାହାର ଠିକ ଗୋଟିଏ ଦିନ ପରେ ହଠାତ୍ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଆସି ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସହରର ଛାମୁଆ ନେତାମାନେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ । ଗତ ବିଶ୍ୱ ମହିଳା ଦିବସରେ କେନ୍ଦ୍ରାପଡା ସହରରେ ହୋଇଥିବା ବୈଠକରେ କେନ୍ଦ୍ରାପଡା ସାଂସଦକୁ ବାଛନ୍ଦ କରାଯାଇଥିଲା । ଯଦ୍ୱାରାକି କିଛି ଦିନ ଧରି ସାଂସଦ ଶ୍ରୀ ମହାନ୍ତି କେନ୍ଦ୍ରାପଡା ଆସୁ ନ ଥିଲେ । ତେବେ କେଉଁ ପରିସ୍ଥିତିରେ ସେ କେନ୍ଦ୍ରାପଡା ଗସ୍ତରେ ଆସି କେନ୍ଦ୍ରାପଡା ସହରର ବିକାଶ ପାଇଁ ସାଂସଦ ପାଣ୍ଠିକୁ ବିନିଯୋଗ କରିବେ ବୋଲି ଛାମୁଆ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ତାହା ବୁଝାପଡୁନି । ସାଂସଦ ପାଣ୍ଠି ମାଧ୍ୟମରେ ସେ ସଂଗଠନ କରିବେ ବୋଲି ଆଲୋଚନା ହେଉଛି । ଏହି ଲକ୍ଷ୍ୟରେ ସହରର ନସଡିପୁରସ୍ଥିତ ମଦ୍ରାସା ବୁଲି ଦେଖିବା ସହିତ ବଳଦେବ ହାଇସ୍କୁଲକୁ ଯାଇ ସ୍କୁଲର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ବିଜେଡିର ନେତାମାନେ ସାମିଲ ହୋଇଥିଲେ । ବିଧାୟକ ଶଶୀଭୂଷଣ ବେହେରାଙ୍କଠାରୁ ଦୂରେଇ ଯାଉଥିବା ବିଜେଡିର କିଛି ନେତା ସାଂସଦଙ୍କ ସହିତ ସାମିଲ ହୋଇ ଶ୍ରୀ ବେହେରାଙ୍କୁ ଝଟକା ଦେବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି । ଫଳରେ କେନ୍ଦ୍ରାପଡାରେ ବିଧାୟକ ସାଂସଦ ମୁହାଁମୁହିଁ ହେବାର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ କେତେକ ଖ ବର୍ଗର ବିଜେଡି ନେତା ଫାଇଦା ନେବାକୁ ଉଦ୍ୟମ କରୁଥିବା ବେଳେ ସଚ୍ଚା ବିଜେଡି ନେତାମାନେ କ'ଣ କରିବେ ବୋଲି ଭାବି ବଳି ପଡୁଛନ୍ତି । ଏହି ଘଟଣା କେନ୍ଦ୍ରାପଡାରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

# DISPLAY CLASSIFIED


FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଲୁଥେରାନ ଯୌନ ଶୋଷଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପୋଲିସ ପ୍ରଶାସନ ବିଫଳ

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଥିବା ଲୁଥେରାନର ସଭାପତି, ଶିଶୁ ଯତ୍ନ ଅନୁଷ୍ଠାନର ସୁପରିନଟେଣ୍ଡେଣ୍ଟ, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ଦ୍ଦେଶର ୯ ଦିନ ପରେବି ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଫଳ ହୋଇନଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ଉଭୟ ପୋଲିସ ଓ ପ୍ରଶାସନର ନୀରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୁଥେରାନର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ କାହିଁକି ପଛଘୁଂଚା ଦେଉଛି ତାହା ବୁଝାପଡୁନି । ଯଦି ଜିଲ୍ଲାର ଏଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ପ୍ରତି ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଦେଖାଯାଏ ତେବେ ସାଧାରଣ କ୍ଷେତ୍ରରେ କିଭଳି ଲୋକମାନେ ନ୍ୟାୟ ପାଇପାରିବେ ତାହା ସହଜରେ ଅନୁମେୟ । ତେଣୁ ଜିଲ୍ଲା ପ୍ରଶାସନ ଓ ପୋଲିସ ଏହି ଘଟଣାରେ ଆଉ କାଳବିଳମ୍ବ ନକରି ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରପେକ୍ଷତାର ପ୍ରମାଣ ଦେଉ ବୋଲି ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

## କୋଭିଡ ସଚେତନତା ଓ ଅମାନିଆଙ୍କଠାରୁ ଜୋରିମାନା ଆଦାୟ





କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଗତ ଗୁରୁବାର କେନ୍ଦ୍ରାପଡା ସହରରେ ବୁଲି ବୁଲି ଜନସାଧାରଣଙ୍କ ସମେତ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ସଚେତନ କରିଥିବା ଦେଖିବାକୁ ମିଳିଛି । ଏଥିସହିତ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ଧଳା ରଙ୍ଗରେ ଗୋଲେଇ କାଟି ସାମାଜିକ ଦୂରତା ରକ୍ଷା ପୂର୍ବକ ଗ୍ରାହକମାନେ ନିର୍ଦ୍ଦିଷ୍ଟ ଦୂରତାରେ ଛିଡା ହୋଇ ମୁହଁରେ ମାସ୍କ ପିନ୍ଧି ଦୋକାନରୁ ସଉଦା କିଣିବାର ବ୍ୟବସ୍ଥା କରିବାକୁ ଦୋକାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକର । କୋଭିଡ ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାଇ ଜୋରିମାନା ସହ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଦୋକାନୀମାନଙ୍କୁ କହିଛନ୍ତି । ସହରର ଦୋକାନ ଗୁଡିକ ସମ୍ମୁଖରେ ବିନା ମାସ୍କରେ ଥିବା ୩ଜଣ ମହିଳା ଓ ୫ଜଣ ପୁରୁଷ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ପୋଲିସ ଆଦାୟ କରିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଓ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ବୁଝାଇଥିଲେ।

## ଦୁଇଟି ପୃଥକ ଦୁର୍ଘଟଣାରେ ୨ ମୃତ, ୬ ଆହତ

ଆନନ୍ଦପୁର (ପିଏନ୍): ଘଷିପୁରା ଓ ଆନନ୍ଦପୁର ଥାନା ଅଂଚଳରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଆନନ୍ଦପୁର ଥାନା ଗୟଳମୁଣ୍ଡା ପଂଚାୟତ ଜାଳି ଗ୍ରାମ ନିକଟରେ ଏକ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଭିକାରିମନ୍ଦା ଗ୍ରାମର କାପୁରା ସୋରେନ(୬୫) । ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ଅଟୋଟି ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ କାପୁରାଙ୍କର ମୃତ୍ୟୁ ଘଟିଥିଲା । ମାଇଲୋ ସୋରେନ(୩୨), ପୁରମାଳ ହାଁସଦା (୩୬), କାଳା ମୁର୍ମୁ(୪୨)ଙ୍କ ସମେତ ଆଉ ୩ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ପଠାଇଥିଲେ । ଆନନ୍ଦପୁର ପୋଲିସ୍ ମୃତଦେହକୁ ଜବତ କରି ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଛେଦ କରାଇଛି । ଦୁର୍ଘଟଣା ଘଟାଇବା ପରେ ପିକଅପ ଭ୍ୟାନ୍ ଫେରାର ହୋଇଯାଇଛି । ସେହିପରି ୨୦ନଂ ଜାତୀୟ ରାଜପଥ ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ବୟସ ପାଖାପାଖି ୬୫ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ବୀରଗୋବିନ୍ଦପୁର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଜବତ କରି ବ୍ୟବଛେଦ ପାଇଁ ଡାକ୍ତରଖାନା ଆଣିଥିଲା । ମୃତକଙ୍କ ପରିଚୟ ମିଳିନଥିବାରୁ ଶବକୁ ଅପରାହ୍ନରେ ଜିଲ୍ଲା ଶବାଗାରକୁ ପଠାଇ ଦିଆଯାଇଛି ।

## ଗ୍ରାମ୍ୟଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ସାନିଟାଇଜ ହେଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଛାପୁର ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଜନୈକ ଯନ୍ତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ ବାହାରିବା ପରେ ସଂପୂର୍ଣ୍ଣ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି । ସଂପୃକ୍ତ ଯନ୍ତ୍ରୀ ଜଣଙ୍କ ଉଭୟ ଡିଭିଜନର ଦାୟିତ୍ୱରେ ଥିବାରୁ ଉଭୟ ଡିଭିଜନର ସଂପୂର୍ଣ୍ଣ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ କରାଯାଇଥିବା ସୂଚନା ମିଳିଛି ।

## ବଳଦେବ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



କେନ୍ଦ୍ରାପଡ଼ା (ପିଏନ୍): ବଳଦେବ ହାଇସ୍କୁଲର ୧୯୯୩ମସିହା ମାଟ୍ରିକ ବ୍ୟାଚର ପୁରାତନ ମେଧାବୀ ଛାତ୍ର ଇଂ ପ୍ରିୟଶ୍ଳୋକ ଆର୍ଯ୍ୟଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ପରିଚାଳନା ସମିତି ସଭାପତି ଗୁରୁ ଚରଣ ପ୍ରଧାନ, ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ପ୍ରଧାନ, ପଣ୍ଡିତ ହରେକୃଷ୍ଣ ପତି, ରାଷ୍ଟ୍ରଭାଷା ଶିକ୍ଷକ ତପନ କୁମାର ଦାଶ, ହୃଷିକେଶ ସ୍ୱାଇଁ, କ୍ଷୀରୋଦ କୁମାର ପରିଡା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ର ସ୍ୱର୍ଗତ ଆର୍ଯ୍ୟଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସେ ଜଣେ ମେଧାବୀ, ମେଳାପି, ବନ୍ଧୁବତ୍ସଳ ଓ ପରୋପକାରୀ ଛାତ୍ର ଥିଲେ । ତାଙ୍କର ଅକାଳ ବିୟୋଗରେ ସମସ୍ତ ଶିକ୍ଷକ,ଶିକ୍ଷିକା,ପୁରାତନ ତଥା ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।




# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଂଗ୍ରେସର ପ୍ରଶ୍ନ : ଓବିସି କ'ଣ ପୋଇଲି ପୁଅ ?




ଭୁବନେଶ୍ୱର : ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଓ.ବି.ସି. କ'ଣ ପୋଇଲି ପୁଅ? କାହିଁକି ଓବିସି ପ୍ରତି ଅବିଚାର ଓ ଅଣଦେଖା କରାଯାଉଛି ? ପ୍ରଥମେ କେନ୍ଦ୍ର ବିଜେପି ନେତୃତ୍ୱାଧିନ ସରକାରଙ୍କ ଠାରୁ ଶ୍ରୀ ବେହେରା ନିମ୍ନମତେ କେତେଗୁଡ଼ିଏ ତଥ୍ୟ ଉପସ୍ଥାପନ କରି ଜାଣିବାକୁ ଚାହିଁଛନ୍ତି ଯେ, କାହିଁକି ଜାତିଭିତିକ ଜନଗଣନାର ବିରୋଧ କରାଯାଉଛି। ସେ ପଚାରିଛନ୍ତି (କ) ୨୦୧୦ ମସିହାରେ ଉପା ସରକାର ସମୟରେ ବିଜେପି ଜାତିଭିତିକ ଜନ ଗଣନା ପାଇଁ ଦାବି କରିଥିଲା। (ଖ) ୨୦୧୮ ଜୁଲାଇ ୩୧ ତାରିଖରେ ତତ୍କାଳୀନ ଘରୋଇ ମନ୍ତ୍ରୀ ଶ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଗଣନା ସଂକ୍ରାନ୍ତ ବୈଠକରେ ୨୦୨୧ ଜନଗଣନା ସହ ଓବିସି ଜନଗଣନା କରାଯିବାର ନିଷ୍ପତି ନିଆଯାଇଥିଲା। (ଗ) ଜୁଲାଇ ୧୪, ୨୦୨୧ ରେ ଓବିସି କଲ୍ୟାଣ ସଂସଦୀୟ କମିଟି ଏଥିନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ (ଘ) ଜାତୀୟ ଓବିସି ଆୟୋଗ ଏପ୍ରିଲ ୨୦୨୧ ରେ କେନ୍ଦ୍ର ସରକାରଙ୍କୁ ଓବିସି ଜନଗଣନା ନିମିତ ଅନୁରୋଧ କରିଥିଲେ। (ଙ) ଅଗଷ୍ଟ ୧୦, ୨୦୨୧ ରେ ସଂସଦର ୧୨୭ ତମ ସମ୍ବିଧାନ ସଂଶୋଧନ ବିଧେୟକ ଆଲୋଚନା ବେଳେ ସାଂସଦ ଶ୍ରୀମତୀ ସଂଘମିତ୍ରା ମୌର୍ଯ୍ୟ ବକ୍ତବ୍ୟ ରଖି ସୁଚାଇଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତି ଜନ ଗଣନା ଚାହାନ୍ତି। ଏ ସମସ୍ତ ସତ୍ୱେ ଆଜି କେନ୍ଦ୍ର ସରକାର ଜାତି ଜନଗଣନା ପାଇଁ ପଛଘୁଂଚା ଦେଉଛନ୍ତି କାହିଁକି ? ମୋଦି ସରକାରଙ୍କର ଏହି ଆଭିମୁଖ୍ୟ ପ୍ରମାଣ କରେ ଯେ ଓବିସି, ବିଜେପିର ଏଜେଣ୍ଡାରେ ନାହିଁ। ଶ୍ରୀ ବେହେରା ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ୨୦୧୧ ମସିହାରେ ତତ୍କାଳୀନ ଉପା ସରକାର ଦ୍ୱାରା କରାଯାଇଥିବା ସାମାଜିକ ଅର୍ଥନୈତିକ ଜାତି ଗଣନା (ଝରଉଉ) ରିପୋର୍ଟ ତ୍ରୁଟି ଥିବାର ଆଳ ଦର୍ଶାଇ ପ୍ରକାଶ କରୁନାହାନ୍ତି ଯାହା ସଂପୂର୍ଣ୍ଣ ନିରାଧାର। ଗ୍ରାମ୍ୟ ଉନ୍ନୟନ ସଂସଦୀୟ କମିଟି ୨୦୧୬ ଅଗଷ୍ଟ ୩୧ ରେ ମାନ୍ୟବର ଲୋକସଭା ବାଚସ୍ପତିଙ୍କୁ ପ୍ରଦତ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଝରଉଉ ରିପୋର୍ଟ-୨୦୧୧ର ତଥ୍ୟ ୯୮.୮୭ ଶତାଂଶ ତ୍ରୁଟି ଶୂନ୍ୟ। ଏଥି ସହ ରେଜିଷ୍ଟର ଜେନେରାଲ ଅଫ ଇଣ୍ଡିଆ (ଜଏଓ) ଙ୍କ ତଥ୍ୟ ଅନୁଶାରେ ୧୧୮ କୋଟି ୬୪ ଲକ୍ଷ ୩୭୭୦ ସଂଖ୍ୟା ମଧ୍ୟରୁ ମାତ୍ର ୧ କୋଟି ୩୪ ଲକ୍ଷ ୭୭ ହଜାର ୩୩୦ ସଂଖ୍ୟାରେ ତ୍ରୁଟି ଅଛି। ଯାହା ୧ ଶତାଂଶରୁ କମ୍। ଶ୍ରୀ ବେହେରା ପୁନଶ୍ଚ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସମାଜିକ ନ୍ୟାୟ ସଶକ୍ତିକରଣ ମନ୍ତ୍ରଣାଳୟ ତରଫରୁ ଓବିସି ଜନଗଣନାର ତର୍ଜମା କରି ଏହାର ବର୍ଗୀକରଣ ନିମନ୍ତେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗରିଆଙ୍କ ନେତୃତ୍ୱରେ ଗଠିତ ବିଶେଷଜ୍ଞ କମିଟିର ରିପୋର୍ଟ ଆଜି ପର୍ଯ୍ୟନ୍ତ କାହିଁକି ମିଳିନାହିଁ? ବା ମିଳିଥିଲେ ସାଧାରଣଙ୍କ ଅବଗତି ନିମନ୍ତେ କାହିଁକି ପ୍ରକାଶ ପାଇନାହିଁ? ଏଥିରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ କେନ୍ଦ୍ର ବିଜେପି ସରକାର ଓବିସି ପ୍ରତି କେତେ ଦରଦ ଜଣାପଡ଼େ। କେନ୍ଦ୍ର ସରକାରଙ୍କ ଠାରୁ ସେ ନିର୍ଦ୍ଦିଷ୍ଟ ଭାବରେ ଜାଣିବାକୁ ଚାହିଁଛନ୍ତି ଯେ, କେବେହେବ ଜାତି ଜନଗଣନା? ୫୦ ପ୍ରତିଶତ ସଂରକ୍ଷଣ କଟକଣା ଉଚ୍ଛେଦ ପାଇଁ କେବେ ପ୍ରଣୟନ ହେବ ଆଇନ?ଅନୁରୂପ ଭାବରେ ରାଜ୍ୟ ନବୀନ ସରକାରଙ୍କ ଓବିସି କଲ୍ୟାଣ ପ୍ରତି ଆନ୍ତରିକତାକୁ ପ୍ରଶ୍ନକରି ଶ୍ରୀ ବେହେରା ନିମ୍ନମତେ ଜବାବ ଚାହିଁଛନ୍ତି : (କ) କାହିଁକି ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି ଉପସ୍ଥାପନ କରି ସୁପ୍ରିମକୋର୍ଟରେ ୫୦ ପ୍ରତିଶତ ସଂରକ୍ଷଣ ଅଂକୁଶ ଉଚ୍ଛେଦ ନିମନ୍ତେ ଯୁକ୍ତି ଉପାସ୍ଥାପନ କରାଯାଇନାହିଁ (ଖ) ଶିକ୍ଷା କ୍ଷେତ୍ରରେ ନାମଲେଖା ପାଇଁ ଓବିସି ସରଂକ୍ଷଣ ଆଜି ପର୍ଯ୍ୟନ୍ତ କାହିଁକି କରାଯାଇ ନାହିଁ। ସେ ରାଜ୍ୟ ସରକାରଙ୍କୁ ଆହ୍ୱାନ କରିଛନ୍ତି ଯେ ଆଗାମୀ ସେପ୍ଟେମ୍ବର ବିଧାନସଭାର ମୌସୁମୀ ଅଧିବେଶନରେ ଜାତି ଜନଗଣନା ପାଇଁ ସରକାରୀ ପ୍ରସ୍ତାବ ଆଣିବେକି ? (ଘ) ଜାତି ଜନଗଣନା ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଚାପସୃଷ୍ଟି କରିବାକୁ ସମସ୍ତ ରାଜନୈତିକ ଦଳର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ କି ? ଏଠାରେ ଉଲ୍ଲେଖ ଯୋଗ୍ୟଯେ, କଂଗ୍ରେସ ଓବିସିଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ସଚେତନ ଥାଇ ନିମ୍ନମତେ ପଦକ୍ଷେପ ନେଇଥିଲା : (କ) ୧୯୯୩ ରେ ନରସିଂହ ରାଓଙ୍କ ସରକାର ଜାତୀୟ ସ୍ତରରେ ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିଥିଲେ। (ଖ) ୨୦୦୭ ରେ ମନମୋହନ ସିଂହ ସରକାର କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ମାନଙ୍କରେ ୨୭ ପ୍ରତିଶତ ଓବିସି ମାନଙ୍କ ପାଇଁ ସଂରକ୍ଷଣ ଆଇନ ପ୍ରଣୟନ କରିଥିଲେ। (ଗ) ୨୦୧୧ ରେ ସାମାଜିକ ଅର୍ଥନୈତିକ ଜାତି ଜନଗଣନା କରିଥିଲେ (ଘ) ଜୁଲାଇ ୩, ୨୦୨୦ ରେ କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ରାଜ୍ୟମାନଙ୍କରେ ଥିବା ମେଡିକାଲ କଲେଜ ମାନଙ୍କରେ ଅଲ ଇଣ୍ଡିଆ କୋଟାରେ ୨୭ ଶତକଡ଼ା ଓବିସି ଛାତ୍ରଛାତ୍ରୀ ମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ସୁତରାଂ, କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ଲୋକ ଦେଖାଣିଆ ମନୋଭାବ ଛାଡ଼ି ଦେଶର ଅର୍ଦ୍ଧାଧିକ ଓବିସି ଜନସଂଖ୍ୟା ପାଇଁ କଂଗ୍ରେସ ପ୍ରସ୍ତାବ ମୁତାବକ ଠୋସ ପଦକ୍ଷେପ ଗ୍ରହଣ କରନ୍ତୁ। ତାନହେଲେ ଓବିସି ଐତିହାସିକ ଅବିଚାରକୁ ଦେଶ ଓ ରାଜ୍ୟବାସୀ ବରଖାସ୍ତ କରିବେ ନାହିଁ ବୋଲି ପିସିସି ମିଡ଼ିଆ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ଚେତାବନୀ ଦେଇଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସିର ଦୁଇ ବରିଷ୍ଠ ମୁଖପାତ୍ର ଶ୍ରୀ ଜ୍ଞାନଦେବ ବେଉରା ଓ ଶ୍ରୀ ମନୋରନ ଦାଶ ଉପସ୍ଥିତ ଥିଲେ।

# ଅସରାଏ ବର୍ଷାରେ ରାସ୍ତା ଉପରେ ସୃଷ୍ଟି ହେଉଛି କୃତ୍ରିମ ପୋଖରୀ, ବିଭାଗୀୟ ଅଧିକାରୀ କଳାପଟି ଆଖିରେ ବାନ୍ଧି ବସିଛି

କେନ୍ଦୁଝରः କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅଧିନରେ ଥିବା ପୂର୍ତ୍ତ ବିଭାଗ ର ଝୁମ୍ପୁରା-ଉଖୁଣ୍ଡା ରାସ୍ତା। ବର୍ଷ କୁ ଦୁଇ ଥର ମରାମତି ହେଉଛି ଏହି ରାସ୍ତା। ହେଲେ କି ପ୍ରକାରର ରାସ୍ତା ମରାମତି କାମ ହେଉଛି ଯେ ମରାମତି ହେବାର ଦୁଇ ତିନିମାସ ପରେ ରାସ୍ତାରୁ ପିଚୁ ଉଠି ଫୁଟେ ଦେଢଫୁଟର ଖାଲ ସୃଷ୍ଟି ହୋଇଯାଉଛି। ଫଳରେ ଅସରାଏ ବର୍ଷା ହେଲେ ରାସ୍ତା ଉପରେ ସୃଷ୍ଟି ହେଉଛି କୃତ୍ରିମ ପୋଖରୀ। ସୂଚନା ଯୋଗ୍ୟ ଯେ ପୂର୍ତ୍ତ ବିଭାଗ ଅଧିନସ୍ଥ ଝୁମ୍ପୁରା ବଜାର ର ମୁଖ୍ୟ ରାସ୍ତା ବ୍ଲକ ଛକ ଠାରୁ ଝୁମ୍ପୁରା-ଉଖୁଣ୍ଡା ଦୀର୍ଘ ୧୫ କି.ମି ରାସ୍ତା ବର୍ଷ କୁ ଦୁଇ ଥର ମରାମତି ହେଉଥିବା କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଛି। ତେବେ କି ପ୍ରକାରର ରାସ୍ତା ମରାମତି କାମ ହେଉଛି ଯେ ମରାମତି କାମ ସରିବାର ଦୁଇ ତିନିମାସ ପରେ ରାସ୍ତାରୁ ପିଚୁ ଉଠି ଫୁଟେ ଦେଢଫୁଟ ର ଖାଲଖମା ସୃଷ୍ଟି ହେଉଥିବା ନେଇ ଅଭିଯୋଗ ହେଉଅଛି। ଝୁମ୍ପୁରା-ଉଖୁଣ୍ଡା ରାସ୍ତା ର ବ୍ଲକ ଛକ, କବରସ୍ଥାନ ବୁଲାଣି ନିକଟରେ, ଓଁକାରେଶ୍ୱର ଶିବ ମନ୍ଦିର ନିକଟ,କାନପୁର କେନାଲ ନିକଟରେ ଖାଲଖମା ହୋଇ ରାସ୍ତା ଟି ଅତି ଶୋଚନୀୟ ହୋଇପଡିଛି। ଫଳରେ ଅସରାଏ ବର୍ଷା ହେଲେ ଖାଲ ଗୁଡିକରେ ପାଣି ଜମା ହୋଇଯିବା ଯୋଗୁଁ ଖାଲ ଏବଂ ରାସ୍ତା କିଛି ଜଣାପଡେ ନାହିଁ। ଯାହାଫଳରେ ପଥଚାରୀ, ସାଇକେଲ,ବାଇକ୍ ଆରୋହୀ, ଚାରିଚକିଆ ଗାଡି ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟିବାର ମଧ୍ୟ ନଜିର ରହିଛି। ସବୁ ଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ପୂର୍ତ୍ତ ବିଭାଗର ଏହି ଝୁମ୍ପୁରା-ଉଖୁଣ୍ଡା ରାସ୍ତାର ଦୁଇ ପାର୍ଶ୍ୱରେ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ, ଆରଡି ଅଫିସ୍, କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ, ଝୁମ୍ପୁରା ଆରଆଇ ଅଫିସ୍, ଝୁମ୍ପୁରା ଡାକ୍ତରଖାନା, ଝୁମ୍ପୁରା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର,ବିଦ୍ୟୁତ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟଳୟ,ସିଡିପିଓ ଅଫିସ,ବିଇଓ ଅଫିସ୍, ଆଧାର ପଞ୍ଜିକରଣ କେନ୍ଦ୍ର, ସହକାରୀ କୃଷି କେନ୍ଦ୍ର ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ,ଅଗ୍ନିସେବାଶମ କେନ୍ଦ୍ର ଭଳି ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟାଳୟ ସବୁ ଅବସ୍ଥିତ ରହିଛି। ସରକାରୀ କର୍ମଚାରୀ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ଦିନ ରାତି ଉକ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ତେବେ ରାସ୍ତାରେ ଖାଲଖମା ହୋଇଥିବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରୀ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ନିହାର ରଂଜନ ନାୟକଙ୍କ ମତାମତ ଲୋଡିବାରୁ କହିଲେ ଉକ୍ତ ରାସ୍ତା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବଦଳି ହୋଇଯାଇଛି। ତେଣୁ ମୋତେ ଉକ୍ତ ରାସ୍ତାର ଅତିରିକ୍ତ ଦାୟିତ୍ୱ ଏବେ ଦିଆଯାଇଛି। ଠିଦାରର କୁ କହି ତୁରନ୍ତ ଖାଲଖମା ଗୁଡିକ ମରାମତି କରାଯିବା

## ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

ବାଲେଶ୍ୱର :ସ୍ୱାଧୀନତାର ୨୫ ବର୍ଷ ପୂର୍ଣ୍ଣି ଅବସରରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧିନସ୍ଥ "କ୍ଷେତ୍ରୀୟ ଜନ ସମ୍ପର୍କ କାର୍ଯ୍ୟାଳୟ" ତରଫରୁ ବାଲେଶ୍ୱର ଜିଲ୍ଲା ନାରୀସଂଘ ପରିସରରେ "ଆଜାଦି କା ଅମୃତ ମହୋତ୍ସବ" ଉପରେ ଏକ ରଂଗୋଲୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକୁ ସଭାପତିଶ୍ୱ କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ମୁଖ୍ୟ ଅତିଥି ଭାବେ ନାରୀସଂଘର ସଭାନେତ୍ରୀ ଗୋପାମୂଦ୍ରା ମହାପାତ୍ର ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ନାରୀସଂଘର ସମ୍ପାଦିକା ଅପର୍ଣ୍ଣା ମହାପାତ୍ର, ସଭ୍ୟା ବାସନ୍ତି ନାୟକ, କବିତା ଦଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ଼ ନିୟମ ଅନୁପାଳନ କରି ବାଲେଶ୍ୱରର ବିଭିନ୍ନ ପ୍ରାନ୍ତରରୁ ଝିଅ ଏବଂ ମହିଳାମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ଷେତ୍ରୀୟ ଜନ ସମ୍ପର୍କ କାର୍ଯ୍ୟାଳୟ ତରଫରୁ କୃଷ୍ଣି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କ୍ଷେତ୍ର ପ୍ରଚାର ସହାୟକ ଖଗେଶ ବାଇପାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ନାରୀସଂଘର ସମସ୍ତ କର୍ମବର୍ଣ୍ଣା ସହଯୋଗ କରିଥିଲେ।

# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୫୪୮ କୁ ବୃଦ୍ଧି

## ୨ ପୋଲିସ କର୍ମଚାରୀଙ୍କ ସମେତ ୫ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାରେ ଆଜି ଫୁଲବାଣୀ ଟାଉନ ଥାନାର ଦୁଇଜଣ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ମୋଟ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୮ରେ ପହଂଚିଛି। ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୩,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି। କରୋନା ଜନିତ ମୃତ୍ୟୁ ସଂଖ୍ୟା ଜିଲ୍ଲାରେ ୨୩ ରହିଛି ଆଉ ୬୪୭ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ଆଜିର ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ ୧୫ ଜଣ ଏବଂ ଗ୍ରାମାଂଚଳରେ ୨ଜଣ ଚିହ୍ନଟ ହୋଇଚନ୍ତି। ସେହିପରରି ବାଲିଗୁଡାର ବିଜ୍ଞାପିତ ଅଂଚଳରେ ୩ ଜଣ ଓ ଗ୍ରାମାଂଚଳରେ ୪ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଜିଲ୍ଲାର ଘୁ.ଉଦୟଗିରିରେ ୨,ଚକାପାଦରେ ୫,ଦାରିଙ୍ଗବାଡିରେ ୪,କ.ନୁଆଗାଁରେ ୩,ଖଜୁରିପଡାରେ ୫,କୋଟଗଡରେ ୩,ଫିରିଙ୍ଗିଆ ୨,ରାଇକିଆ ୫,ଟିକାବାଲିରେ ୧, ତୁମୁଡିବନ୍ଧ ଅଂଚଳରୁ ୪ ଜଣ ଥିବାବେଳେ ଅନ୍ୟାନ୍ୟ ଅଂଚଳରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି। ତେବେ କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି। ଅତି ଆବଶ୍ୟକ ହେଲେ ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

# ଅଭାବ ଅନାଟନକୁ କେନ୍ଦ୍ର କରି ଉଗ୍ର ରୂପ ନେଲା ପାରିବାରିକ କଳହ

## ପତ୍ନୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ସ୍ୱାମୀ ଗିରଫ

ଜଗତସିଂହପୁର, (ପିଏନ)- ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ କଟୁରୀ ସାହାଯ୍ୟରେ ହାଣି ହତ୍ୟା କରିଛି ନୃସଂଶ ସ୍ୱାମୀ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା (ଖ) ଗ୍ରାମରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା। ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ଏନେଇ ଅଧିକ ପଚରା ଉଚୁରା ଜାରୀ ରଖିଛି କୁଜଙ୍ଗ ପୋଲିସ।

ଅଭାବ ଅନାଟନକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କହଳ ଲାଗି ରହୁଥିଲା। ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସ୍ୱାମୀ ତଥା ଟ୍ରାକ୍ଟର ଡ୍ରାଇଭର ମେଘନାଦ ତରାଇ ପତ୍ନୀ ପାର୍ବତୀଙ୍କ ମୁଣ୍ଡକୁ କଟୁରୀରେ ଚୋଟ ପକାଇଥିଲା। ଫଳରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କୁଜଙ୍ଗ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛି। ଏହାକୁ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି। ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ମେଘନାଦକୁ ଗିରଫ କରିବା ସହିତ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦମ୍ପତିଙ୍କର ଏକ ୧୩ ବର୍ଷିୟା ଝିଅ ଓ ଏକ ୮ ବର୍ଷର ପୁଅ ରହିଛି।

# ଦୁଇ ମାସରେ ସରିବ ବେଲବହାଳି ପୋଲ କାମ, ଜାତୀୟ ରାଜପଥ ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ

କେନ୍ଦୁଝରः ୨୦ନଂ ଜାତୀୟ ରାଜପଥ ନିର୍ମାଣକୁ ନେଇ ଅସନ୍ତୋଷ ଲାଗି ରହିଥିବା ବେଳେ ଉଭୟ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଜି ରାସ୍ତା ନିର୍ମାଣ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଯାଜପରୁ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ, କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ପିଡିଆର ଭେଙ୍କଟେଶ୍ୱର ପ୍ରମୁଖ ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ଯାଇ ବିଭିନ୍ନ ସ୍ଥାନରେ ରାସ୍ତା ସମସ୍ୟା ଓ ନିର୍ମାଣ କାମ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହାଛଡା ମରାମତି କରାଯାଇଥିବା ସ୍ଥାନ ବୁଲିବା ସହ ବାକି ଥିବା ଜରୁରୀ କାମକୁ ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁଇମାସରେ ବେଲବାହାଳି ଠାରେ ନିର୍ମାଣଧିନ ପୋଲ କାମ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଢେଙ୍କିକୋଟ ବଜାରରେ ସର୍ଭିସ ରୋଡ୍ ନିର୍ମାଣ ହେବ। ଏଠାରେ ଜବରଦଖଲ କରିଥିବା ଉଠା ଦୋକାନୀଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ବେଲବାହାଳିରେ ନିର୍ମାଣଧିନ ପୋଲ କାମ ମଧ୍ୟ ଅନୁଧ୍ୟାନ କରିଥିଲେ। କୁଶେଇ ନଦୀରେ ବନ୍ୟାଜଳ ଆସି ସଂଯୋଗକାରୀ ରାସ୍ତା ଭାଙ୍ଗି ଯାଇଥିବାରୁ ନିର୍ମାଣ କାମ ବାଧାପ୍ରାପ୍ତ ହୋଇଛି। ଆସନ୍ତା ଦୁଇମାସ ମଧ୍ୟରେ ପୋଲର ଗୋଟିଏ ପାର୍ଶ୍ୱରେ ଗାଡି ଚଳାଚଳ କରିବ ବୋଲି ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପ୍ରଶାସନକୁ ପ୍ରତିଶ୍ରୁତି ଦିଆଯାଇଛି। ଟିମ୍ ଲିଡର ରାଜୀବ କୁମାର ବିଦେଇ, ଲକ୍ଷ୍ମୀଧର ନାୟକ,ଶିବମ କଣ୍ଡମ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ରାଜୁଲ ଅଗ୍ରୱାଲ, ଜିଏମ୍ ସୁଧାଂଶୁ ଭୂଷଣ ଜେନା, ପ୍ରୋଜେକ୍ଟ ମ୍ୟାନେଜର ନିହାର ଦାସ, ଦୀପ୍ତିରଂଜନ ପରିଡା ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇଥିଲେ।

# ଲୁଟ୍ ହୋଇଥିବା ଟଙ୍କା ମଧ୍ୟରୁ ୧.୪୦ଲକ୍ଷ ସୁରକ୍ଷିତ

କେନ୍ଦୁଝରः ଗତ ୨୪ତାରିଖ ଶନିବାର ଦିନ ସ୍ଥାନୀୟ ଯୁବ ବ୍ୟବସାୟୀ ରାଜେନ୍ଦ୍ର ସାହୁଙ୍କ ଏସ୍.ବି.ଆଇ. ଜମା ଖାତାରୁ ସାଇବର ଲୁଟେରାମାନେ ୧ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଥିବା ନେଇ ସାଇବର ଥାନା ଓ ସ୍ଥାନୀୟ ଘଷିପୁରା ଥାନାରେ ଅଭିଯୋଗ କରିଥିଲେ। ତେବେ ଆଜି ବ୍ୟାଙ୍କ୍‌ରେ ତଦନ୍ତ ବେଳେ ଉଠା ଯାଇଥିବା ଦୁଇ ଥରର ୩୦ହଜାର ଟଙ୍କା ଲୁଟେରା ନେଇ ଯାଇଥିବା ବେଳେ ଟ୍ରାନ୍ସଫର ହୋଇଥିବା ଶେଷ ଟ୍ରାନଜାକ୍ସନ ୧ଲକ୍ଷ ୪୦ହଜାର ୧୦୦ଟଙ୍କା ବ୍ୟାଙ୍କର ଟି.ଡି.ଆର. ଆକାଉଣ୍ଟରେ ଜମା ହୋଇ ସୁରକ୍ଷିତ ଥିବା ଜଣାପଡିଛି।

# ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦୁଝରः ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଗେଡମା ପଂଚାୟତର ଜଳସରପୁର ଗ୍ରାମର ଜନୈକ ପରିବାର ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ନ୍ୟାୟ ଦାବିରେ ଯୁବତୀ ଓ ତାଙ୍କ ଭାଇ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖାଯାଇଛି। ଅଭିଯୋଗପତ୍ର ଅନୁଯାୟୀ ଜମିବାଡି ସଂକ୍ରାନ୍ତୀୟ ଗଣ୍ଡଗୋଳକୁ ନେଇ ଜଳସରପୁର ଗ୍ରାମର ପ୍ରଫୁଲ କୁମାର ଜେନାଙ୍କ ଘରେ ପଶି ଗ୍ରାମର ପଦ୍ମନାଭ ଜେନା, ସୀତା ଜେନା, କାହ୍ନୁଚରଣ ଜେନା, ବିଜୟ ଜେନା ଓ ଅମୂଲ୍ୟ ଜେନା ପ୍ରମୁଖ ଚଳିତ ମାସ ୧୩ତାରିଖ ଦିନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସ୍ତ୍ରୀ କାର୍ତ୍ତିଲତା ଜେନାଙ୍କୁ ଗୁରୁତର ଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଶାଳଣିଆଁ ଡାକ୍ତରଖାନାରୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ଅଭିଯୁକ୍ତ ମାନଙ୍କ ଭୟରେ ପ୍ରଫୁଲ କୁମାର ଜେନାଙ୍କ ପରିବାର ଗ୍ରାମ ବାହାରେ ରହୁଥିବା ବେଳେ ଅଭିଯୁକ୍ତଙ୍କ ନାମରେ ୧୪ତାରିଖ ଦିନ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ନନ୍ଦିପଦା ପୋଲିସ ନିରବଦ୍ରଷ୍ଟା ସାଜି ଥିବାରୁ ଅଭିଯୁକ୍ତମାନେ ପ୍ରଫୁଲଙ୍କ ପରିବାରକୁ ଧମକ ଚମକ ଦେବା ସହ କେଶ୍ ନଉଠାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଏହି ଘଟଣାକୁ ନଏଇ ପ୍ରଫୁଲ୍ଲ ଜେନାଙ୍କ କନ୍ୟା ଚମ୍ପାବତୀ ଜେନା(୨୨) ଏବଂ ତାଙ୍କ ଭାଇ ସିବ ଜେନା ନିଜ ପରିବାରର ସୁରକ୍ଷା ଓ ନ୍ୟାୟ ଦାବିରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ଉପଜିଲ୍ଲାପାଳ ସରୋଜ କୁମା ଦତ୍ତ ଘଟଣା ସମ୍ପର୍କରେ ଅବଗତ ହୋଇ ସେମାନଙ୍କୁ ସୁରକ୍ଷା ଦେବା ସହ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଧରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଭାଇ ଓ ଭଉଣୀ ଧାରଣାରୁ ଉଠିଥିଲେ। ଖବର ପାଇ କେନ୍ଦୁଝର ଜିଲ୍ଲା ମାନବାଧିକାର ପରିଷଦ ସଭାପତି ସତ୍ୟବ୍ରତ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନେଇ ପ୍ରଶାସନିକ ସ୍ତରରେ ଆଲୋଚନା କରିଥିଲେ।

# ଭୂମିହୀନ ଲୋକମାନଙ୍କୁ ମିଳିଥିବା ପଟ୍ଟାକୁ ନେଇ ଗ୍ରାମବାସୀଙ୍କ ବିରୋଧ

କେନ୍ଦୁଝର:(ପି.ଏନ୍.)ः ପଞ୍ଚୁପଲ୍ଲୀ ଗ୍ରାମର କୁଣ୍ଡିସାହିର କିଛି ବାସିନ୍ଦା ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଭୂମିହୀନ ଲୋକଙ୍କୁ ଓଡିଶା ସରକାରଙ୍କ ତରଫରୁ ୧୯୮୪ ମସିହାରେ ୦.୪ଡେସିମିଲ୍ ଜମି ଯୋଗାଇ ଦେଇଥିବା ବେଳେ ଉକ୍ତ ଗ୍ରାମ ମଠସାହିର କିଛି ଅସାମାଜିକ ବ୍ୟକ୍ତି ଉକ୍ତ ଘରବାରି ଜମିକୁ ଜବରଦଖଲ କରି ରଖିଥିବା ବେଳେ ସ୍ଥାନୀୟ ବାସିନ୍ଦାମାନେ ସରକାରଙ୍କ ତରଫରୁ ପଟ୍ଟା ପାଇଥିବା ଲୋକଙ୍କୁ ଉକ୍ତ ଚିହ୍ନଟ ଜମିକୁ ଆସିଲେ ଜୀବନରୁ ମାରିଦେବା ପାଇଁ ଧମକ ଦେବାସହ ଜାତିଆଣ ଆକ୍ଷେପ କରି ଅନେକ ଖରାପ ଗାଳିଗୁଲଜ କରୁଛନ୍ତି। ଉକ୍ତ ପଟ୍ଟାଧରୀ ବାସିନ୍ଦାମାନେ ଘଷିପୁରା ଥାନାରେ ଏକ ଏତଲା ଦେଇଥିଲେ ମଧ ଘଷିପୁରା ପୋଲିସ୍ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି। ପଟ୍ଟା ପାଇଥିବା ଭୂମିହୀନ ଆଦିବାସୀମାନେ କିପରି ଉପଯୁକ୍ତ ନ୍ୟାୟ ପାଇପାରିବେ ଏଥିପାଇଁ ଉପଜିଲ୍ଲାପାଳ ତହସିଲଦାରଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେବାସହ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,(ପିଏନ)- ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି। ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି। ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା। ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ,ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର,ହେମନ୍ତ କର,ସଂସାର ଭୋଇ,ଦୁର୍ଯ୍ୟଧନ ପଟ୍ଟନାୟକ,ସଞ୍ଜୟ ଭଞ୍ଜ,ବଳଦେବ ବେହେରା,ଅଶୋକ ସାସିନି,ନନ୍ଦକିଶୋର ଦାସ,ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି। ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ। ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା। ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ। ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ। ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ। ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ। ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତ୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି। ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି। ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି। ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି।

# ନୂଆ କୋଭିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି। ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭। ମୋଟ ସୁସ୍ଥ ହୋଇଛନ୍ତି ୪୪୮୨। ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪। ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ। ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଖେଳ





ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday August 27, 2021 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୨୭,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବେଦାନ୍ତ ପକ୍ଷରୁ ପୁନରୁଦ୍ଧାର କରାଯାଇଥିବା ପୋଖରୀ ଓ ବୋରୱେଲ ଗୁଡ଼ିକ ଝାରସୁଗୁଡ଼ାର ଅଧିବାସୀମାନଙ୍କ ପାଇଁ ଉତ୍ସର୍ଗିକୃତ

Before



After



ଝାରସୁଗୁଡ଼ା: ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦ ନିର୍ମାତା ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କଟିକେଲା, ଡାଲକି, ପରମାଣପୁର ଓ ବଡ଼ମାଳ ଗ୍ରାମ ପଂଚାୟତରେ ୧୬ଟି ଗୋଷ୍ଠୀ ପୋଖରୀ ଓ ୧୪ ଟି ବୋରୱେଲକୁ ପୁନରୁଦ୍ଧାର କରିଛି। ଏହା ଦ୍ୱାରା ବର୍ଷା ଋତୁ ପରେ ଘରୋଇ, ଗୃହପାଳିତ ପଶୁ, ଚାଷବାସ ଆଦି କାର୍ଯ୍ୟ ପାଇଁ ଜଳ ଅଭାବ ଦେଖାଦେବ ନାହିଁ। କଂପାନି ଗୋଷ୍ଠୀ ମଧ୍ୟରେ ଥିବା ପୋଖରୀକୁ ପରିଷ୍କାର କରିବା, ଭୂତଳ ଜଳ ରିଚାର୍ଜ କରିବା ଓ ବର୍ଷାଜଳ ଅମଳ ପାଇଁ ହ୍ୟାଣ୍ଡ ପଂପଗୁଡ଼ିକର କାର୍ଯ୍ୟକାରୀତା ପାଇଁ କାର୍ଯ୍ୟ କରିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଇକୋ ସିଷ୍ଟମ ପୁନରୁଦ୍ଧାର ପ୍ରକ୍ରିୟା ଦ୍ୱାରା ୩୦୦୦ ଲୋକଙ୍କ ପାଇଁ ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରାଯାଇ ପାରିବ। ବେଦାନ୍ତ ସମସ୍ତ ପୋଖରୀ ନିକଟରେ ସ୍ନାନ ପାଇଁ ସୁବିଧା ବ୍ୟବସ୍ଥା ନିର୍ମାଣ କରିଛି ଓ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ଓ ବ୍ୟକ୍ତିଗତ ସ୍ୱଛତା ବିଷୟରେ ସୂଚନା ପ୍ରଦାନ କରୁଛି। ଗୋଷ୍ଠୀକୁ ପୋଖରୀ ସମର୍ପିତ କରି ଶ୍ରୀ ଦୀପକ ପ୍ରସାଦ, ଡେପୁଟି ସିଇଓ- ବେଦାନ୍ତ ଲିମିଟେଡ- ବେଦାନ୍ତ ଲିମିଟେଡ, ଝାରସୁଗୁଡ଼ା କହିଥିଲେଯେ- ଜଳ ହେଉଛି ଏକ ପ୍ରାକୃତିକ ସମ୍ବଳ। ଆମେ ଜଳ ସଂରକ୍ଷଣ କରିବାକୁ ଚେଷ୍ଟା କରିବା। ଆମର ଉଦ୍ଦେଶ୍ୟ ହେଉଛି ଶୂନ୍ୟ କ୍ଷତି, ଶୂନ୍ୟ ବର୍ଜ୍ୟ ଓ ଶୂନ୍ୟ ନିଷ୍କାସନ। ଆମେ ସ୍ଥାନୀୟ ଅଂଚଳରେ ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରିବାକୁ ଚାହୁଁଛୁ। ଆମ ପରିବେଶକୁ ବଜାୟ ରଖିବାକୁ ହେଲେ ଜଳର ଗୁରୁତ୍ୱକୁ ବୁଝିବାକୁ ହେବ। ସୁପ୍ରିୟା ପାଣ୍ଡେ, ୱାର୍ଡ଼ ମେମ୍ବର ପୁରୁଣା ଗ୍ରାମ, ଡାଲକି ଜିପି, କହିଥିଲେଯେ ଆମ ଗ୍ରାମ ପୋଖରୀକୁ ପରିଷ୍କାର କରିପାରିଥିବାରୁ ଆମେ ବେଦାନ୍ତକୁ ଧନ୍ୟବାଦ ଜଣାଉଛୁ। ଏହା ଦ୍ୱାରା ଆମ ଗ୍ରାମର ୫୦୦-୬୦୦ ଲୋକ ଉପକୃତ ହୋଇ ପାରିବେ। ସ୍ନାନ କାର୍ଯ୍ୟ ସମାପନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ବିଶେଷ ସହାୟକ ବେଦାନ୍ତ ହେଉଛି ସବୁଜ ଧାତୁ, ଆଲୁମିନିୟମ ଉତ୍ପାଦନ କରିବାରେ ଭାରତର ବୃହତମ ଉତ୍ପାଦକ। ଏହା ବିଶ୍ୱଶ୍ରେଣୀର ୧.୬ ଏମଟିପିଏ ଆଲୁମିନିୟମ ସ୍ମେଲଟର ପ୍ଲାଂଟ ଓ ଝାରସୁଗୁଡ଼ାରେ ୩୬୧୫ ମେଗ୍ୱାର ତାପଜ ବିଜୁଳି ଉତ୍ପାଦନ କରୁଛି। ଏକମାତ୍ର ଭାରତୀୟ ସ୍ମେଲଟର ଭାବରେ ବିଶ୍ୱକୁ ୧ ନିୟୁତ ଟନ ଉତ୍ପାଦନ ଓ ଏକସପୋର୍ଟ କ୍ଲବ। ବେଦାନ୍ତର ଝାରସୁଗୁଡ଼ା ହେଉଛି ଏକ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦକ । ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ ହେଲା

ଖଣ୍ଡପଡ଼ା: ଖଣ୍ଡପଡା ଅଂଚଳ ଦେଇ କିବା ଦିନ ଓ ରାତିରେ ବାଲି ବୋଝେଇ ହାଇୱା ଗାଡି ଗୁଡିକ ଚଳପ୍ରଚଳ କରିବା ଯୋଗୁଁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା/ ଅଘଟଣ ଘଟି ଧନଜୀବନ କ୍ଷୟକ୍ଷତି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲା । ଗତ ୨୫ ତାରିଖ ଏ ସଂପର୍କରେ 'ସମାଜ'ରେ ଏକ ଖବର ପ୍ରକାଶ ପାଇବା ପରେ ନୟାଗଡ ଜିଲ୍ଲା ହାଇୱା ଗାଡି ମାଲିକ ସଂଘର କର୍ମକର୍ତାମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ତୋଟା ହନୁମାନଙ୍କ ପୀଠ ପରିସରରେ ହାଇୱା ମାଲିକ ସଂଘର ସଦସ୍ୟମାନେ ଏକ ବୈଠକରେ ଏକତ୍ରିତ ହୋଇ ରାସ୍ତାରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରିଥିବା ଜଣାଯାଇଛି । ବୈଠକରେ ସର୍ବସମ୍ମତି ପ୍ରସ୍ତାବକ୍ରମେ ମହାନଦୀ ଘାଟରୁ ବାଲି ପରିବହନ କରୁଥିବା ହାଇୱା ଗାଡି ଗୁଡିକ ଦୈନିକ ରାତି ୯ଟା ପର ଠାରୁ ସକାଳ ୬ଟା ମଧ୍ୟରେ ରାସ୍ତାରେ ବାଲି ଚାଲାଣ କରିବ ବୋଲି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଦିନବେଳା ବାଲି ଚାଲାଣ ସଂପୂର୍ଣ୍ଣ ବନ୍ଦ ରହିବ । ସମସ୍ତ ହାଇୱା ଗାଡି ମାଲିକ ବୈଠକର ନୀତି ନିୟମ ଓ ନିଷ୍ପତିକୁ ମାନି ଚଳିବେ ବୋଲି ସମ୍ମତି ପ୍ରଦାନ କରିଥିବା ଜଣାପଡିଛି । ଜିଲ୍ଲା ପ୍ରଶାସନ, ତହସିଲ ଓ ପୋଲିସ ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯାଇଥିବା ନେଇ ସଂଘର କର୍ମକର୍ତାମାନେ ସୂଚନା ଦେଇଛନ୍ତି ।

## ଜଙ୍ଗଲ, ପାଣିପାଗ ପରିବର୍ତ୍ତନ ଓ ପରିବେଶ ବିଭାଗ ଦ୍ୱାରା ଧମିଲୋ ଗ୍ରାମ୍ୟ ରାସ୍ତାରେ ବୃକ୍ଷ ରୋପଣ



ବାଲିଅନ୍ତା : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲିଅନ୍ତା ଗ୍ରାମ ପଂଚାୟତର ଧମିଲୋ ଗ୍ରାମର ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଜଙ୍ଗଲ, ପାଣିପାଗ ପରିବର୍ତନ ଓ ପରିବେଶ ବିଭାଗ ଦ୍ୱାରା ୫ କି.ମି ରାସ୍ତାରେ ୧୦୦୦ ସଂଖ୍ୟକ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନାଂଚଳ ଅଧିକାରୀ ଜୟକୃଷ୍ଣ ଯଦୁମଣି ଦାସ, ସମାଜସେବୀ ମଙ୍ଗରାଜ ବେହେରା, ଯୁବସମାଜ ସେବୀ ବିଜୟ କୁମାର ଭୋଇ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ବିଜୟଶ୍ରୀ ଶ୍ରୀଚନ୍ଦନ ଜଗନ୍ନାଥ ବେହେରା, ପ୍ରମୋଦ ମହାପାତ୍ର, ମାନସ ଭୋଇ ରଘୁନାଥ ସାମଲ, ଲିଲି ଭୋଇ, ନିର୍ମଳ ଭୋଇ ଓ ବାବୁଲୁ ସହ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ । ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ବୃକ୍ଷ ରୋପଣ କରିବା ଏକ ସମାଜର ମଂଗଳ କାର୍ଯ୍ୟ ଅଟେ । ବର୍ତମାନ ଘଡି ସନ୍ଧି ମୂହୁର୍ତରେ ଅମ୍ଳଜାନର ଅଭାବକୁ ଦୂର କରିବାକୁ ହେଲେ ବହୁ ମାତ୍ରାରେ ବୃକ୍ଷ ରୋପଣର ଅବଶ୍ୟକତା ରହିଛି ।

## ଚୋରାରେ ଘରକୁ ପାଣି ପାଇପ ସଂଯୋଗ ଯୋଗୁଁ, ମିଳୁନି ପାଣି, ସାହିବାସିନ୍ଦା ହନ୍ତସନ୍ତ

ଖଣ୍ଡପଡ଼ା: ଖଣ୍ଡପଡା ବ୍ଲକ ଅଧିନ ଗୁଣ୍ଠୁଣି ପଂଚାୟତର ତୋଟାସାହି, ଭଗବତୀ ସାହି ଓ ବଡସାହି ବାସିନ୍ଦା ପାଇପ ଲାଇନ ଯୋଗେ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ ହେଉଛି । ଉକ୍ତ ୩ଟି ସାହି ବାସିନ୍ଦାଙ୍କୁ ପାଇପ ଲାଇନ ଯୋଗେ ଜଳ ଯୋଗାଣ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ପାଇପ ଲାଇନ ବିଛାଯିବା ସହ ପ୍ରତ୍ୟେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି । ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସରୁ ମାଟି ତଳେ ଯାଇଥିବା ମୁଖ୍ୟ ପାଣି ପାଇପ ଲାଇନରୁ ଅଧିକାଂଶ ବ୍ୟକ୍ତି ଚୋରାରେ ଘରକୁ ବେଆଇନ ଭାବେ ପାଇପ ସଂଯୋଗ କରି ବିଦ୍ୟୁତ ଚାଳିତ ପାଣି ପମ୍ପ ଯୋଗେ ପାଣି ସଂଗ୍ରହ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ନିକଟସ୍ଥ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସରୁ ପାଇପ ଲାଇନ ଯୋଗେ ଜଳଯୋଗାଣ ବେଳେ ଚୋରାରେ ଘରକୁ ପାଣି ପାଇପ ସଂଯୋଗ କରିଥିବା ବ୍ୟକ୍ତିମାନେ ବିଦ୍ୟୁତ ଚାଳିତ ପାଣି ପମ୍ପ ଯୋଗେ ପାଣି ଟାଣି ନେଉଥିବାରୁ ଷ୍ଟାଣ୍ଡପୋଷ୍ଟ ଗୁଡିକ ଶୁଖିଲା ପଡୁଛି ।ଫଳରେ ସାଧାରଣ ଲୋକେ ଷ୍ଟାଣ୍ଡପୋଷ୍ଟରୁ ପାଣି ସଂଗ୍ରହ କରିପାରୁ ନାହାନ୍ତି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏଥିପ୍ରତି ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସଂପର୍କରେ ଖଣ୍ଡପଡା ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହଛନ୍ତି ।

## ଖଣ୍ଡପଡାର ପ୍ରଥମ ବିଧାୟକଙ୍କ ୧୦୭ତମ ଜୟନ୍ତୀ ପାଳିତ




ଖଣ୍ଡପଡ଼ା: ଖଣ୍ଡପଡା ନିର୍ବାଚନମଣ୍ଡଳୀର ପ୍ରଥମ ନିର୍ବାଚିତ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ୧୦୭ ତମ ଜନ୍ମ ଜୟନ୍ତୀ ଉତ୍ସବ ଗୁରୁବାର ଖଣ୍ଡପଡା ଠାରେ ପାଳିତ ହୋଇଯାଇଛି । ଖଣ୍ଡପଡା ରାଜବାଟୀ ପରିସରସ୍ଥିତ ପ୍ରତିମୂର୍ତୀରେ ରାଜପରିବାରର ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । 'ମୁଁ ବଘେଲ' ସାମାଜିକ,ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତା ଓ ସଭାପତି ଧନେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ସ୍ୱର୍ଗତ ରାଜା ହରିହର ସିଂହଙ୍କର ସୁଦୁରପ୍ରସାରୀ ପ୍ରତିଭା ସଂପର୍କରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଆଲୋକପାତ କରିବା ସହ ସ୍ମୃତି ଚାରଣ କରିଥିଲେ ।

## ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଓ ସହୀଦଙ୍କ ନାମରେ ଗଛଟିଏ ଲଗାଇବାକୁ ଅନୁରୋଧ

ଖୋର୍ଦ୍ଧା : ସ୍ୱାଧୀନତାର ୭୫ତମ ପୂର୍ତ୍ତି ଉପଲକ୍ଷେ ବର୍ଷସାରା ସ୍ୱାଧୀନତା ସଂଗ୍ରାମୀ ଓ ସହୀଦ ସ୍ମାରକୀ ବୃକ୍ଷରୋପଣ ମହୋସବ୍ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷସାରା ବୃକ୍ଷରୋପଣ କରାଯାଇ ସ୍ୱାଧୀନତାର ୭୫ ତମ ପୂର୍ତ୍ତି ଉତ୍ସବ ପାଳନ କରାଯିବ ମହୋତ୍ସବ ପାଳନ କରାଯିବ ବୋଲି ପ୍ରେରଣା ଗ୍ରୀନ ଆର୍ମିର ସେନାଧ୍ୟକ୍ଷ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସାମ୍ପ୍ରତିକ ପରିବେଶ ପ୍ରଦୂଷଣଜନିତ ସମସ୍ୟା ଉତ୍କଟଜନକ ସ୍ଥିତିରେ ଥିବାରୁ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆଇ.ପି.ସି.ସି ଓ ନାସାର ରିପୋର୍ଟ ଅନୁସାରେ ବିଶ୍ୱତାପନ ବୃଦ୍ଧି ଯୋଗୁ ବିଶ୍ୱର ବିଭିନ୍ନ ସହର ,ଭାରତର ମୁମ୍ବାଇ,ଚେନ୍ନାଇ,କୋଚି ଆଦି ୧୧ଟି ସହର ସମେତ ଓଡ଼ିଶାର ପାରାଦ୍ୱୀପ ସହର ୩ଫୁଟ ପାଣିରେ ଭିତରେ ରହିବ। କିନ୍ତୁ ବିଶ୍ୱତାପନ ହ୍ରାସ ପାଇଁ ଏକ ବଳିଷ୍ଠ ମାଧ୍ୟମ ହେଉଛି ବୃକ୍ଷରୋପଣ। ତେଣୁ ତାଙ୍କ ମତରେ ପ୍ଲାଣ୍ଟ ଏ ଟ୍ରି ଲୋକାଲି ରିଡ଼ଉସୁ ୱାରମିଙ୍ଗ ଗ୍ଲୋବାଲି ନୀତିକୁ ଅନୁସରଣ କଲେ ଏହାକୁ ପ୍ରତିହତ କରିବାରେ ମଣିଷ ସଫଳ ହେବ। ଏ ଦୃଷ୍ଟିରୁ ବର୍ଷସାରା ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦମାନଙ୍କ ସ୍ମାରକୀ ସ୍ୱରୁପ ବୃକ୍ଷରୋପଣ ଦ୍ୱାରା ସେମାନଙ୍କ ସ୍ମୃତି ସୁରକ୍ଷା ହୋଇପାରିବ ଓ ଉତାପ ହ୍ରାସ, ପରିବେଶ ପ୍ରଦୂଷଣ ରୋକିବାରେ ସହାୟକ ହେବ ।ଜନସାଧାରଣ, ସ୍ୱେଚ୍ଛାସେବୀ, ଛାତ୍ର-ଶିକ୍ଷକ ଆଦି ପ୍ରତ୍ୟେକ ବର୍ଗର ବ୍ୟକ୍ତିଏହି ବୃକ୍ଷରୋପଣ ଅଭିଯାନରେ ସାମିଲ ହୋଇ ନିଜ ଗ୍ରାମରେ ଜନ୍ମ ନେଇଥିବା ସ୍ୱାଧୀନତା ସଂଗ୍ରାମୀ, ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ନାମରେ ସ୍ଥାନୀୟ ସ୍କୁଲ, କଲେଜ, କ୍ଲବ, ପାଠାଗାର କିମ୍ବା ଦେବାଳୟ ପରିସର କିମ୍ବା ଗାଁ ମୁଣ୍ଡରେ ବୃକ୍ଷରୋପଣ କରି ଫଟୋ ପଠାଇଲେ ତାହା ଏକ ସ୍ୱତନ୍ତ୍ର ପୁସ୍ତକରେ ସ୍ଥାନ ପାଇବ।

## କୋଭିଡ୍-୧୯ ସଂକ୍ରମଣ, ଜଗତୀକରଣ ଓ ଜାତୀୟ ସରକାର ମାନଙ୍କର ସମ ଆଇନ୍ ସଂସ୍କାର ପରିପ୍ରେକ୍ଷୀରେ ଶ୍ରମିକ ସଂଗଠନମାନଙ୍କର ନୂତନ ରଣ କୌଶଳ




ଭୁବନେଶ୍ୱର : ସାଂପ୍ରତିକ କୋଭିଡ୍ -୧୯ ସଂକ୍ରମଣ ପରିସ୍ଥିତି ରୋଜଗାର ସଂକୋଚନ, ଜଗତୀକରଣ ଇ-ନିବେଶ ଓ ଘରୋଇକରଣ ଓ ପୁଞ୍ଜି ବିନିଯୋଗ ନାମରେ ଶ୍ରମ ଆଇନର ସଂସ୍କାର ଆଇନ ପରିପ୍ରେକ୍ଷିରେ ଭବିଷ୍ୟତରେ ଶ୍ରମିକ ସଂଗଠନର ଏକତ୍ରିକରଣ ଓ ଶ୍ରମିକ ସଂଗଠନ ଗୁଡ଼ିକୁ ସୁଦୃଢ଼ କରି ନୂତନ ରଣକୌଶଳ ଓ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଆନ୍ତର୍ଜାତୀୟ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘ ତରଫରୁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳ ତରଫରୁ ଏକ ହାଇବ୍ରିଡ୍ ଭରର୍ଚୁଆଲ ଆଲୋଚନାଚକ୍ର ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବି.ଡବ୍ଲୁ.ଆଇ ଉପସଭାପତି ଅଷ୍ଟ୍ରେଲିଆର ଦେବ ନାନୁ, ଫିଜିର ଲିଜ୍ଜା, ମାଲେସିଆର ଫାତିମା ମହମ୍ମଦ, ଇଣ୍ଡୋନେସିଆର ମହମ୍ମଦ, ଫିଲିଫିନ୍‌ର ଜେରାଟ ଓ ଆଂଚଳିକ ପ୍ରତିନିଧି ଆପୋଲିନାର ଟଲୋଂଟିନୋ , ପଲିସ୍ ଅଫିସର ଡକ୍ଟର ରାଜୀବ ଶର୍ମା, ପ୍ରେରଣା ପ୍ରସାଦ, ସାକ୍ଷୀ ଅଗ୍ରୱାଲ, ଚନ୍ଦ୍ର ପ୍ରକାଶ ସିଂ, ତୁଳାରାମ ଶର୍ମା, ପ୍ରେମ ଭାଟିଆ ଓ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଙ୍କ ସମେତ ୮୫ ଜଣ ଶ୍ରମିକ ନେତା ୨ ଦିନ ଧରି ବିସ୍ତାରିତ ଭାବେ ଆଲୋଚନା କରିଥିଲେ। ଆଇ.ଏନ୍.ଟି.ୟୁ .ସିର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଏହି ୨ ଦିନ ଆଲୋଚନାଚକ୍ରର ଉଦ୍‌ଜାପରି ଭାଷଣ ଦେଇ ସାଂପ୍ରତିକ ପରିସ୍ଥିତିରେ ୟୁନିଅନର ସଭ୍ୟ ସଂଗ୍ରହ, ଡାଟା ସଂଗ୍ରହ, ଅଭିଯୋଗ ଓ ସମସ୍ତ କାର୍ଯ୍ୟକ୍ରମକୁ ଡ଼ିଜିଟାଲ ମାଧ୍ୟମରେ କରିବା, ସୋସିଆଲ ମେଡ଼ିଆରେ ଶ୍ରମିକ ଓ ଶ୍ରମିକ ନେତାମାନେ ଅଧିକ ସକ୍ରିୟ ହେବା, ରୋଜଗାରକୁ ବୃଦ୍ଧି କରିବା ପାଇଁ ପ୍ରତ୍ୟେକ ଦେଶରେ ନିଶ୍ଚିନ୍ତ ରୋଜଗାର ଯୋଜନା ଓ ଭାରତରେ ମହାତ୍ମାଗାନ୍ଧୀ ନିଶ୍ଚିନ୍ତ ଯୋଜନାକୁ ଅଧିକ କାର୍ଯ୍ୟକ୍ଷମ କରାଇବା, ନିର୍ମାଣ ଓ ଜଙ୍ଗଲ ପ୍ରତ୍ୟେକ ନିଯୁକ୍ତି, କୌଶଳ ପ୍ରଶିକ୍ଷଣରେ ମହିଳା ଶ୍ରମିକଙ୍କର ୫୦ % ସଂରକ୍ଷଣ କରିବା। ଅଧିକ ଯୁବକ ଶ୍ରମିକଙ୍କୁ ୟୁନିଅନରେ ନେତୃତ୍ୱରେ ରଖିବା, କୋଭିଡ୍-୧୯ କୁ ଏକ ଅକୁପେସନାଲ ରୋଗ ଭାବରେ ଚିହ୍ନିତ କରିବା, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିକିତ୍ସା କୁ ସମ୍ବିଧାନରେ ମୌଳିକ ଅଧିକାରକୁ ଗ୍ରହଣ କରିବା ପାଇଁ ପ୍ରତି ଦେଶରେ ଏକ ରାଜନୈତିକ ଲବି ଓ ଆନ୍ଦୋଳନ କରିବା, ଜାତୀ ସଂଘ ଦ୍ୱାରା ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ପ୍ରସ୍ତୁତ କନଭେନସନର ୨୩ ଦଫା କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ସଂଗଠନ ମାଧ୍ୟମରେ ଲାଗୁ କରିବା ଏବଂ ପ୍ରବାସୀ ଶ୍ରମିକ ସଂମ୍ପୋଦିତ ଆନ୍ତର୍ଜାତିକ ଶ୍ରମିକ ସଂଗଠନର ପ୍ରବାସୀ ଶ୍ରମିକ କନଭେନସନକୁ ଆଇ.ଏଲ୍. ଓ କୋର କନ୍‌ଭେନ୍‌ସନ କରିବା ଏବଂ ଶ୍ରମିକ ୟୁନିଅନ ଗୁଡ଼ିକ ମଧ୍ୟରେ ଏକତା ଓ ମିଳିତ କାର୍ଯ୍ୟକ୍ରମ ତଥା ଅଧିକରୁ ଅଧିକ ଅସଂଗଠିତ ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, ଠିକା ଶ୍ରମିକ, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟ କର୍ମୀ ଶ୍ରମିକ ମାନଙ୍କୁ ସଂଗଠିତ କରିବା ପାଇଁ ଶ୍ରମିକ ସଂଗଠନ ଗୁଡ଼ିକ ଅଧିକ ଉଦ୍ୟମ କରିବା ଆବଶ୍ୟକତା ଅଛି ବୋଲି ଡଃ ଖୁଂଟିଆ କହିଛନ୍ତି। ଶ୍ରମିକ ଏକତାକୁ ଦୃଢ଼ିଭୂତ କରିବା ପାଇଁ ପ୍ରଦେଶ, ଦେଶ ଓ ବିଦେଶରେ ଥିବା ଶ୍ରମିକ ୟୁନିଅନ ଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ସଂପର୍କ ଓ ସହଯୋଗ ବୃଦ୍ଧି ହେଲେ ଆଗାମୀ ଦିନରେ ଏହିପରି ସଂକଟମୟ ପରିସ୍ଥିତିକୁ ସାମ୍ନା କରିବା ସହିତ ୟୁନିଅନକୁ ଅଧିକ ସୁଦୃଢ଼ କରିପାରିବ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray